ବର୍ଷ-୯
ସଂଖ୍ୟା-୧୪୦
ତା.୦୬ ଜୁଲାଇ ୨୦୨୨
ବୁଧବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

Vol-9
Issue-140
Date:06, July 2022
Wednesday, Page-8, Rs-2/-
POSTAL Regd.No.10120(K)/17/2018-21



ଅମରନାଥ ଯାତ୍ରା: ଅଂଶଗ୍ରହଣ କଲେଣି ୬୫ ହଜାର ଶ୍ରଦ୍ଧାଳୁ

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper



ବନାରସରେ ରାତ୍ରିକାଳୀନ ବଜାର ଲୋକାର୍ପଣ କରିବେ ମୋଦୀ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

## ଖାଦ୍ୟ ଓ ପୋଷଣ ସୁରକ୍ଷାରେ ଓଡିଶା ପ୍ରଥମ






ଭୁବନେଶ୍ୱର, ୦୫ ଜୁଲାଇ – ଏନଏଫ୍‌ଏସଏ ଷ୍ଟେଟ୍ ରାଙ୍କିଂରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଖାଦ୍ୟ ଓ ପୋଷଣ ସୁରକ୍ଷା ନେଇ ରାଷ୍ଟ୍ରୀୟ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ଘୋଷଣା । ରାଙ୍କିଂରେ ଓଡିଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଉତରପ୍ରଦେଶ। ଓଡିଶାର ଇଣ୍ଡେକ୍ସ ସ୍କୋର ୦.୮୩୬ ରହିଛି । କେନ୍ଦ୍ର ଉପଭୋକ୍ତା ବ୍ୟାପାର ଏବଂ ଖାଦ୍ୟ ଏବଂ ସର୍ବସାଧାରଣ ବିତରଣ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ୱିଟ କରି କହିଛନ୍ତି, ଖାଦ୍ୟ ଏବଂ ପୋଷଣ ସୁରକ୍ଷା ଉପରେ ଆୟୋଜିତ ରାଷ୍ଟ୍ରୀୟ କନଫରେନ୍ସକୁ ସମ୍ବୋଧିତ କଲି ଏବଂ ପ୍ରଥମ ଥର ଏନଏଫଏସଏ ଆଧାରିତ ଷ୍ଟେଟ ରାଙ୍କିଂ ଜାରି କରିଛି, ଯେଉଁଥିରେ ଓଡିଶା ପ୍ରଥମ ସ୍ଥାନରେ ରହିଛି । ସେହିପରି ଉତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି । ସମସ୍ତ ରାଜ୍ୟକୁ ଦାୟିତ୍ୱର ସହ ଜନହିତକାରୀ ଯୋଜନା ଉପରେ କାମ କରିବା ପାଇଁ ପ୍ରୋତ୍ସାହିତ କଲି ।

## ଆଜି ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ

ଭୁବନେଶ୍ୱର, ୦୫ ଜୁଲାଇ – ଆସନ୍ତାକାଲି (ବୁଧବାର) ପ୍ରକାଶ ପାଇବ ମାଟ୍ରିକ୍ ପରୀକ୍ଷା ଫଳ। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାଫଳ ବୁଧବାର ଦିନ ୧ଟାରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ବୁଧବାର ଦିନ ବୋର୍ଡ କାର୍ଯ୍ୟାଳୟ ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ , ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ମାଟ୍ରିକ୍, ମଧ୍ୟମା, ମୁକ୍ତ ବିଦ୍ୟାଳୟ-୨୦୨୨ ପରୀକ୍ଷା ଫଳ ପୁସ୍ତିକାକୁ ଲୋକାର୍ପଣ କରିବେ। ଦିନ ୨ଟାରେ ଏହି ପରୀକ୍ଷାଫଳ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in । www.odisharesult. nic. ସଭରେ ଉପଲବ୍ଧ ହେବ। ଯେଉଁ ଅଂଚଳରେ ଇଂଟରନେଟ୍ ସଂଯୋଗ ନାହିଁ, ସେସବୁ ଅଂଚଳର ଛାତ୍ରଛାତ୍ରୀ ଏସ୍‌ଏମ୍‌ଏସ୍ ଜରିଆରେ ଫଳାଫଳ ଜାଣିପାରିବେ। ସେମାନେ ଓଆର୧୦ ସ୍ପେଶ୍ ରୋଲ୍ ନଂ ଲେଖି ୫୬୭୬୭୫୦ ନମ୍ବରକୁ ମେସେଜ୍ କରି ରେଜଲ୍ଟ ଜାଣିପାରିବେ। ବୋର୍ଡ ଉପସଭାପତି ଡକ୍ଟର ନିହାରରଞ୍ଜନ ମହାନ୍ତି ସୂଚନା ଦେଇ କହିଛନ୍ତି ପରୀକ୍ଷାଫଳରେ ଅସନ୍ତୋଷ ବ୍ୟକ୍ତ କରୁଥିବା ଛାତ୍ରଛାତ୍ରୀ ରିଚେକିଂ ଓ ରିଆଡିସନ ପାଇଁ ଆବେଦନ କରିପାରିବେ। ଫଳ ପ୍ରକାଶ ପରେ ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାଉନ୍‌ସେଲିଂ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖନୀୟ ଯେ କରୋନା ମହାମାରୀ ଯୋଗୁଁ ୨ବର୍ଷ ପରେ ଏଥର ଅଫଲାଇନରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ୩, ୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏପ୍ରିଲ ୨୯ରୁ ମେ ୭ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିଥିଲା। ମଧ୍ୟମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଗତ ମଇ ମାସ ୨୧ ତାରିଖରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ୮ରେ ଓଡିଶା ଆସିବେ ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୦୫ଜୁଲାଇ – ଆସନ୍ତା ୮ ତାରିଖରେ ଓଡ଼ିଶା ଆସିବେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ। ଓଡ଼ିଶା ଆସି ବିଭିନ୍ନ ଦଳର ବିଧାୟକ ଓ ସାଂସଦଙ୍କୁ ଭେଟିବା ସହ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିବେ। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଏନ୍‌ଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ପରେ ସବୁ ରାଜ୍ୟ ଯାଇ ଭୋଟ ଭିକ୍ଷା କରୁଛନ୍ତି ଶ୍ରୀମତୀ ମୁର୍ମୁ। ଏହି କ୍ରମରେ ବିହାର, ଝାରଖଣ୍ଡ, ତାମିଲନାଡୁ ଓ ତେଲେଙ୍ଗାନା ଯାଇ ଭୋଟ ଭିକ୍ଷା କରିବା ପରେ ଓଡ଼ିଶା ଆସିବେ ଦ୍ରୌପଦୀ। ଏହାପରେ ସେ ଆନ୍ଧ୍ର ପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ଶ୍ରୀ ମହାନ୍ତି। ଜୁନ୍ ୨୪ ତାରିଖରେ ସଂସଦ ଭବନରେ ବିଜେପି ଓ ଏନଡିଏ ନେତାଙ୍କ ଉପସ୍ଥିତିରେ ଶ୍ରୀମତୀ ମୁର୍ମୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆସନ୍ତା ଜୁଲାଇ ୧୮ ତାରିଖ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ହେବ।

## ରାଜଧାନୀରୁ ପୁଣି ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୦୫ ଜୁଲାଇ – ରାଜଧାନୀରୁ ପୁଣି ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ଜଣେ ଏମସିଏ ଛାତ୍ରୀ। ତାଙ୍କ ନାଁ ଆଶ୍ରିତା ସେନାପତି। ଆଚାର୍ଯ୍ୟ ବିହାର ପାଣିଟାଙ୍କି ନିକଟରେ ଥିବା ଏକ ଭଡ଼ା ଘରୁ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମୃତଦେହ ଜବତ କରି ପୋଲିସର ଛାନ୍‌ଭିନ୍ ଆରମ୍ଭ କରିଛି। ମୃତ ଛାତ୍ରୀ ସ୍ଥାନୀୟ ଏକ ଘରୋଇ ଇଂଜିନିୟରିଂ କଲେଜରେ ପଢୁଥିଲେ । ଭଦ୍ରକ ଜିଲ୍ଲା ତିହିଡି ଅଂଚଳର ଆଶ୍ରିତା ସେନାପତି ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଗଉଇ ପଢୁଥିଲେ। ଗତ ୫ ମାସ ଧରି ଆଚର୍ଯ୍ୟ ବିହାରରେ ଏକ ଭଡା ଘରେ ରହୁଥିଲେ। ପ୍ରତିଦିନ କଲେଜ ଯାଉଥିଲେ। ଘର ମାଲିକଙ୍କ କହିବା ଅନୁସାରେ ଆଜି ସକାଳ ପ୍ରାୟ ୧୦ ଟା ସମୟରେ ଆଶ୍ରିତାଙ୍କ ବାପା ଫୋନ୍ କରିଥିଲେ। ଝିଅ କାହିଁକି ଫୋନ୍ ଉଠାଉନାହିଁ ବୋଲି କହିଥିଲେ। ଏହା ପରେ ଆଶ୍ରିତାଙ୍କ ପରିବାର ଲୋକେ ଆସିଥିଲେ। ସେମାନେ ଘରର କବାଟ ଭାଙ୍ଗି ଭିତରକୁ ପଶି ଥିଲେ। ସେତେବେଳେ ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଉଲ୍ଲେଖନୀୟ ଯେ କିଛି ଦିନ ପୂର୍ବେ ବିଜେବି କଲେଜ ହଷ୍ଟେଲରୁ କଟକ କଖଡିର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରୁଚିକା ମହାନ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେଠାରୁ ମିଳିଥିବା ସୁଇସାଇଡ୍ ନୋଟ୍ ରୁ ତାଙ୍କୁ ୩ ଜଣ ସିନିୟର ଛାତ୍ରୀ ନିର୍ଯାତନା ଦେଉଥିବା ଉଲ୍ଲେଖ କରାଯାଇଥିଲା।



## କେଦାରନାଥ ମନ୍ଦିରରେ ଦର୍ଶନର ସମୟ ବଦଳିଲା

ଗୁପ୍ତକାଶି , ୦୫ ଜୁଲାଇ ( ହି. ସ.)- ବର୍ଷାଋତୁ ଆରମ୍ଭ ହେବା ସହିତ ତୀର୍ଥଯାତ୍ରିମାନଙ୍କ ସଂଖ୍ୟା କମିବା ଆରମ୍ଭ ହେବା ଦେଖି ବଦରି-କେଦାର ମନ୍ଦିର ସମିତି ନିଷ୍ପତି ନେଇଛି । ମନ୍ଦିର ସମିତି ମନ୍ଦିର ଖୋଲିବା ଓ ବନ୍ଦହେବା ସମୟ ବଦଳାଇ ଦେଇଛନ୍ତି । ଏହା ସହିତ ଶ୍ରଦ୍ଧାଳୁ ମାନଙ୍କପାଇଁ ଦର୍ଶନ କରିବାର ସମୟ ୪ ଘଂଟା କମାଇ ଦେଇଛନ୍ତି । ସମିତି କହିଛି ଯେ ଏହା ପୂର୍ବରୁ ଯେଉଁଠି ଶ୍ରଦ୍ଧାଳୁ ସକାଶ ୪ଟାରୁ ରାତ୍ରି ୧୧ ଟା ପର୍ଯ୍ୟନ୍ତ ବାବା କେଦାରନାଥଙ୍କ ଦର୍ଶନ କରୁଥିଲେ ବର୍ତମାନ ସକାଳ ୫ଟା ପରଠୁ ଦର୍ଶନ ଆରମ୍ଭ ହେବ ଏବଂ ସନ୍ଧ୍ୟା ଆରତୀ ଏବଂ ଶୃଗାର ଦର୍ଶନ ପରେ ରାତି ୯ଟା ବେଳକୁ ମନ୍ଦିର ବନ୍ଦ ହୋଇଯିବ ।

## ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି

ଭୁବନେଶ୍ୱର, ୦୫ଜୁଲାଇ – ଏନଡିଏର ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବେ ରାୟଗଡାର ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି। ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ବିଧାୟକ ଏହି ସୂଚନା ଦେଇଛନ୍ତି। ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ଆଜି ନବୀନ ନିବାସ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ରାଷ୍ଟ୍ରପତି ଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦ୍ରୌପଦୀ ମୁର୍ମୁ ଓଡିଶାର ଝିଅ। ଓଡ଼ିଶାର ସ୍ୱାଭିମାନ। ତାଙ୍କ ପାଇଁ ପ୍ରତ୍ୟେକ ଓଡିଆ ଗର୍ବିତ। ଓଡିଶାର ସବୁ ଭୋଟ ତାଙ୍କ ପାଖକୁ ଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଓ ତାଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କୁ ସମ୍ମାନ ଜଣାଇ ଶ୍ରୀ ମୁଦୁଲି କହିଲେ ଯେ ଶ୍ରୀମତୀ ମୁର୍ମୁ ଆମ ଆଦିବାସୀ ସମାଜର ଗର୍ବ ଓ ଗୌରବ। ତାଙ୍କୁ ସମର୍ଥନ ଦେଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ବୋଲି ସେ କହିଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

### ନରସିଂହ ମିଶ୍ରଙ୍କୁ ଭେଟିଲେ ପ୍ରଣବ ଦାସ

ଭୁବନେଶ୍ୱର, ୦୫ ଜୁଲାଇ – ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ସମର୍ଥନ ଜୁଟାଇବାକୁ ଅଭିଯାନ ଆରମ୍ଭ କରିଛି ବିଜେଡି। ଦଳମତ ନିର୍ବିଶେଷରେ ଓଡ଼ିଶାର ସମସ୍ତ ବିଧାୟକ ଓ ସାଂସଦ ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେବାକୁ ଅପିଲ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଭେଟିଛନ୍ତି ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ । ଏହି ସମୟରେ ମୁଖ୍ୟମନ୍ତ୍ରୀ ନିଜେ ନରସିଂହଙ୍କ ସହିତ ଫୋନରେ କଥା ହୋଇଛନ୍ତି। କଂଗ୍ରେସ ବିଧାୟକ ଓ ସାଂସଦଙ୍କୁ ଦ୍ରୌପଦୀଙ୍କୁ ଭୋଟ୍ ଦେବାକୁ ନିବେଦନ କରିଛନ୍ତି । ଏଥିପାଇଁ ନବୀନଙ୍କ ନିର୍ଦ୍ଦେଶରେ ଆଲୋଚନା କରିଥିବା କହିଛନ୍ତି ପ୍ରଣବ ପ୍ରକାଶ ଦାସ ।



## ସଂକ୍ରମଣ ବଢୁଛି , ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ

ଭୁବନେଶ୍ୱର, ୦୫ ଜୁଲାଇ – ଚଳିତ ମାସ ଶେଷ ଯାଏଁ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସେ ଯାଏଁ ସତର୍କ ରହିବାକୁ ପଡ଼ିବ। ଯେହେତୁ ନିକଟରେ ବଡ଼ ଧରଣର କଂଗ୍ରିଗେସନ ହୋଇଥିଲା, କୋଭିଡ କିଛି ମାତ୍ରାରେ ବଢ଼ିପାରେ। ତେଣୁ ମାସ ଶେଷ ଯାଏଁ ସମସ୍ତେ ସତର୍କ ରହିବା ଉଚିତ ବୋଲି କୋଭିଡ ନେଇ ସତର୍କ କରାଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ସେ କହିଛନ୍ତି ଆମ ରାଜ୍ୟରେ ସଂକ୍ରମଣ ବଢ଼ିଛି । କିନ୍ତୁ ଅଧିକ ବଢୁନି । ୩/୪ ଦିନ ହେଲା ଦୈନିକ ସଂକ୍ରମଣ ୩୦୦ ପାଖାପାଖି ରହୁଛି। କିନ୍ତୁ ଚିନ୍ତା କଲା ଭଳି କିଛି ନାହିଁ। ସଂଖ୍ୟା ବଢୁଥିଲେ ମଧ ହସ୍ପିଟାଲାଇଜେସନ ରେଟ ବହୁତ କମ୍ ଅଛି। ଲକ୍ଷଣଯୁକ୍ତ ରୋଗୀଙ୍କ ସଂଖ୍ୟା ବହୁତ କମ୍। କୋଭିଡ ମୁକାବିଲା ନେଇ ପୂର୍ବରୁ ଯେଉଁ ସବୁ ବ୍ୟବସ୍ଥା ହୋଇଥିଲା, ସବୁ ଷ୍ଟାଣ୍ଡବାଏ ମୋଡରେ ରହିଛି। ଭେଂଟିଲେଟର ଅଛି, ବେଡ ବି ଅଛି। ଯଦି ୫୦ ପ୍ରତିଶତ ଭିତିଭୂମି ପୂରଣ ହୋଇଯିବ, ପୁଣି ଭିତିଭୂମି ବଢ଼ାଯିବ। ତେବେ ସାରା ଦେଶରେ କୋଭିଡ ସଂକ୍ରମଣ କମୁଛି। ମହାରାଷ୍ଟ୍ରରେ ସଂକ୍ରମଣ ବହୁତ କମିଲାଣି, ଦିଲ୍ଲୀରେ ଖସିଗଲାଣି। ଯେଉଁ ରାଜ୍ୟରେ ବଢୁଥିଲା, ଏବେ ସେଠି ଖସୁଛି, ବା ପ୍ଲାଟୋ ଅଛି। ତେଣୁ କୋଭିଡକୁ ନେଇ ଭୟଭୀତ ହେବାର କିଛି ନାହିଁ।

## ଶ୍ୱାସରୁଦ୍ଧରୁ ହୋଇଥିଲା ରୁଚିକାଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୫ଜୁଲାଇ – ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତିଙ୍କର ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ସୂଚନା ମିଳିଛି। ବେକରେ ଫାଶି ଦେବାରୁ ଶ୍ୱାସରୁଦ୍ଧ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଥିବାର କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଅଧିକ ତଥ୍ୟ ପାଇଁ ଭିସେରା ନମୁନା ଲ୍ୟାବକୁ ପଠା ଯାଇଛି । ଅନ୍ୟପକ୍ଷରେ ତଦନ୍ତ ଜାରି ରହିଛି, ୩ ସିନିଅର କିଏ ଜଣାପଡ଼ିନି ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ସେ କହିଛନ୍ତି ଯେ ଏଯାବତ୍ ଶହେରୁ ଅଧିକ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ଗୋଟିଏ ପୋଲିସ ଟିମ୍ ରୁଚିକାଙ୍କ ଗାଁକୁ ଯାଇ ଖୋଳତାଡ଼ କରିଛି।

## ମୋଦି ଶାସନରେ ତୁଷ୍ଟିକରଣ ରାଜନୀତି, ତୃପ୍ତିକରଣ ରାଜନୀତିରେ ପରିଣତ: ସମୀର ମହାନ୍ତି

ଭୁବନେଶ୍ୱର, ୦୫ଜୁଲାଇ – ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଜନତାପାର୍ଟି ଏନଡିଏ ସରକାରର ବିଗତ ୮ବର୍ଷରେ ଭାରତ ସବକା ସାଥ୍, ସବକା ବିକାଶର ପ୍ରମୁଖ ସିଦ୍ଧାନ୍ତ ସହ ଅଗ୍ରସର ହେଉଛି। ଆଜି ଭାରତ ବିଶ୍ୱର ଷଷ୍ଠ ବୃହତ ଅର୍ଥବ୍ୟବସ୍ଥା ଭାବରେ ପ୍ରତିଷ୍ଠିତ ହୋଇଛି ଏବଂ ଭାରତର ବିକାଶ ଅଧ୍ୟାୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମ-ନିର୍ଭରତା ଏବଂ ଗରିବ କଲ୍ୟାଣ ସଂକଳ୍ପ ଓ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ବିଚାରରେ ଆଗକୁ ବଢୁଛି। ୨୦୧୪ରେ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ଦେଶ ପ୍ରଗତି ପଥରେ ଆଗେଇ ଚାଲିଛି ଏବଂ ଦେଇଥିବା ପ୍ରତିଶ୍ରୁତିକୁ ବାସ୍ତବରେ ପୂରଣ କରୁଛନ୍ତି। କଂଗ୍ରେସ ସରକାର ସମୟରେ ଭୋଟ୍ ବ୍ୟାଙ୍କ୍ ରାଜନୀତି ଥିଲାବେଳେ ମୋଦି ସରକାରରେ ବିକାଶର ରାଜନୀତି ହୋଇଛି। ଦେଶର ଅନ୍ତିମ ଶ୍ରେଣୀର ଲୋକଙ୍କ ପାଖରେ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ପ୍ରତ୍ୟକ୍ଷ ଲାଭ ପହଂଚିପାରିଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଗତ ୨ ଓ ୩ ତାରିଖ ଦିନ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଂପର୍କରେ ସୂଚନା ଦେଇ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଭାରତକୁ ବିଶ୍ୱରେ ଏକ ନମ୍ବର ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଜେପି ରୋଡମ୍ୟାପ୍ ପ୍ରସ୍ତୁତ କରିଛି। 'ରାଷ୍ଟ୍ରବାଦ' ଓ 'ଗରିବକଲ୍ୟାଣ'କୁ ଆଧାର କରି ରାଜନୈତିକ ପ୍ରସ୍ତାବ



ପାରିତ ହୋଇଛି। ଭାରତର ଟିକସ ଦାତାଙ୍କ ପଇସା ମୋଦି ସରକାର ସଠିକ୍ ବ୍ୟୟ କରୁଛନ୍ତି। ଏ ପଇସା ନେଇ ଦୁର୍ନୀତି ଅଭିଯୋଗ ଆଣିପାରୁନାହାଁନ୍ତି ବିରୋଧୀ।। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଦେଶବ୍ୟାପୀ ପାଳନ କରାଯାଉଥିବା ଅମୃତ ମହୋତ୍ସବ ଦଳମତ ନିର୍ବିଶେଷରେ ସମସ୍ତେ ପାଳନ କରିବା ଆବଶ୍ୟକ । ମାତ୍ର ଅସହିଷ୍ଣୁ ବିରୋଧୀମାନେ ମୋଦିଙ୍କୁ ବିରୋଧ କରିବାକୁ ଯାଇ ଦେଶକୁ ବିରୋଧ କରିବାକୁ ପଛାଉ ନାହାଁନ୍ତି। ସମାଜର ସବୁ ବର୍ଗଙ୍କୁ ପ୍ରାଧାନ୍ୟ ଦେଇଛନ୍ତି ମୋଦୀ ସରକାର। ଓଡିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ରାଜ୍ୟ ସମେତ ଦେଶବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଓଡିଶା ସମେତ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ କାର୍ଯ୍ୟକାରିଣୀରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଜୀଙ୍କ ଆତ୍ମନିର୍ଭର ଭାରତର କଳ୍ପନା 'ବସୁଧୈବ କୁଟୁମ୍ବକମ୍' ଉପରେ ଆଧାରିତ। 'ଆତ୍ମନିର୍ଭର ଭାରତ' ଦିଗରେ ଅଗ୍ରସର ହେବା ପାଇଁ ଏଭଳି ଅର୍ଥବ୍ୟବସ୍ଥା ଯାହା ପର୍ଯ୍ୟାୟକ୍ରମେ ପରିବର୍ତ୍ତନ ନୁହେଁ ବରଂ ଏକ ସଙ୍ଗେ ବହୁତ ବଡ ପରିବର୍ତନ ଆଣିପାରିବ। ଏଭଳି ମୂଳଭୂତ ଭିତିଭୂମି ଯାହା ଆଧୁନିକ ଭାରତର ପରିଚୟ ହେବ ଏବଂ ବିଦେଶୀ ପୁଞ୍ଜିନିବେଶକୁ ଆକର୍ଷିତ କରିବ । ଏଭଳି ବ୍ୟବସ୍ଥା ଯାହା ଆଧୁନିକ ଉଦ୍ୟୋଗିକକୁ ସ୍ୱୀକୃତି ଦେବ ଏବଂ ସମାଜରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାରକୁ ବଢାଇବ। ଆମର ବହୁମୁଖୀ ପ୍ରତିଭାବାନ୍ ତଥା ଯୁବ ମାନବସମ୍ବଳର ସର୍ବୋତମ ଉପଯୋଗ ହେବା ଦରକାର। ଆମ ପାଖରେ ବଡ ଆକାରରେ ଘରୋଇ ବଜାର ଏବଂ ଚାହିଦା କ୍ଷେତ୍ର ରହିଛି, ଯାହା ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରାଯିବା ଦରକାର। ଏହି ୫ଟି କ୍ଷେତ୍ର ଅର୍ଥନୀତି, ଭିତିଭୂମି, ବ୍ୟବସ୍ଥା ବା 'ସିଷ୍ଟମ', ଜନସଂଖ୍ୟା ଓ ମାନବସମ୍ବଳ ଏବଂ ବଜାର ଚାହିଦାକୁ ନେଇ ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ। କୋଭିଡ୍ ସମସ୍ୟାରୁ ମୁକ୍ତି ଏବଂ ଦେଶର ପୁନରୁଦ୍ଧାର; ଦେଶର ଅର୍ଥ ବ୍ୟବସ୍ଥାର ପୁନରୁଦ୍ଧାର; ଗରିବ କଲ୍ୟାଣ ସାମାଜିକ ସୁରକ୍ଷା ପାଇଁ ଯୋଜନା ଏବଂ ଆର୍ଥିକ ଲାଭ; ଅର୍ଥନୀତି ଏବଂ ଡିଜିଟାଲକୁ ପ୍ରୋତ୍ସାହନ; ଉଦ୍ୟୋଗୀ ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ପ୍ରମୁଖ ଦିଗ ଉପରେ ମଧ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ବୁଦ୍ଧଖୋଲ ଇକୋ ପାର୍କରେ ୭୩ ତମ ବନ ମହୋତ୍ସବ



ବୁଗୁଡା ୦୫/୭ (ନି.ପ୍ର) :ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡା ବନାଞ୍ଚଳର ବୁଦ୍ଧଖୋଲ ଇକୋ ପାର୍କ ପରିସରରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜୁଲାଇ ୦୪ ଦିନ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ୨୦୨୨-୨୩ ଆର୍ଥିକ ବର୍ଷ ଅନୁଦାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ରାଉତ, ବୁଗୁଡା ତହସିଲଦାର ସଂଗ୍ରାମ କେଶରୀ ଜେନା, ସାଂସଦ ପ୍ରତିନିଧି କବିରାଜ ଗୌଡ଼ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବନ ରହିଲେ ଜନ ରହିବେ ବୋଲି ପ୍ରକାଶ କରିଥିଲେ ଏବଂ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷିତ କରିବା ପାଇଁ ଜନସାଧାରଣ ଙ୍କୁ ନିବେଦନ କରିଥିଲେ। ବୁଗୁଡା ବାନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧଖୋଲ ଉନ୍ନୟନ ସମିତିର କାର୍ଯ୍ୟକାରୀ ସମ୍ପାଦକ ମନୋଜ କୁମାର ମାହାନ୍ତି, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା, ଗଙ୍ଗାଧର ବିଷୋୟୀ, ଗୋପୀନାଥ ସ୍ୱାଇଁ, ରାମଚନ୍ଦ୍ର ନାୟକ, ବୁଗୁଡା ବନ ବିଭାଗର ସମସ୍ତ କର୍ମଚାରୀ ଓ ଜନସାଧାରଣଙ୍କ ଉପସ୍ଥିତରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଥିଲା। ଦକ୍ଷିଣ ଘୁମୁସର ବନଖଣ୍ଡରେ ପ୍ରାୟ ବାରଲକ୍ଷ ଚାରା ଉତ୍ପାଦନ ହୋଇଥିବା ବେଳେ ସେଥିରୁ ଦଶଲକ୍ଷ ଚାରା ଜନସାଧାରଣଙ୍କୁ ଦିଆଯିବ ଓ ଦୁଇଲକ୍ଷ ଚାରା ବନ ବିଭାଗ ପକ୍ଷରୁ ରୋପଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୁଦ୍ଧଖୋଲ ଇକୋପାର୍କ ପରିସରରେ ପ୍ରାୟ ୨୦୦ ଶହ ଚାରା ରୋପଣ କରାଯାଇଥିବା ଜଣାପଡିଛି ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ତାମ୍ପରା

ଛତ୍ରପୁର ୦୫/୭ (ନି.ପ୍ର) : ଗଞ୍ଜାମ ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ।ସେଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି । ଗତ କିଛିଦିନ ମଧ୍ୟରେ ରାଜ୍ୟ ସରକାର ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ କରିଛନ୍ତି । ଏଥି?ରେ ସାମିଲ ହୋଇଛି ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ନିକଟରେ ଥିବା ଜାତୀୟ ରାଜପଥରେ ରହିଥିବା ତାମ୍ପରା ହ୍ରଦ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ସ୍ୱଦେଶ ଯୋଜନା ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହାର ପୁନଃରୁଦ୍ଧାର କରାଯାଉଛି। ଫଳରେ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଏଠାକୁ ଆସି ଏହି ସୁନ୍ଦର ହ୍ରଦର ମଜା ଉଠାଉଛନ୍ତି। ବୋଟିଂ କରିବା ସହ ବିଭିନ୍ନ ପ୍ରକାର ଚଟପଟା ଖାଦ୍ୟର ମଜା ବି ଉଠାଇ ପାରୁଛନ୍ତି। ଏହି ହ୍ରଦଟି ୨୦୦୭ରୁ ଗଞ୍ଜାମ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି । ଛତ୍ରପୁରଠାରୁ ଭୁବନେଶ୍ୱର ଅଭିମୁଖେ ଗଲା ବେଳେ ଜାତୀୟ ରାଜପଥ ଠାରୁ ମାତ୍ର ୧ କିମି ଦୂରରେ ଝାଉଁ, କିଆ ଓ କାଜୁ ଜଙ୍ଗଲ ଭିତରେ ରହିଛି ଏହି ହ୍ରଦ । ଏହାର ଆର ପାର୍ଶ୍ୱରେ ରହିଛି ବଙ୍ଗୋପସାଗର । ଏଣୁ ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବାରେ ଲାଗିଛି । ୧୮ କିମି ଲମ୍ବ ଓ ଅଢେଇ କିମି ଓସାର ବିଶିଷ୍ଟ ଏହି ହ୍ରଦଟି ମଧୁର ଜଳରେ ପରିପୂର୍ଣ୍ଣ ।ଏଠିକା ପ୍ରାକୃତିକ



ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଗୋପାଳପୁର ଓ ଛତ୍ରପୁରକୁ ନେଇ ସୃଷ୍ଟି ହୋଇଛି କୋଷ୍ଟାଲ ସର୍କିଟ । ଏଣୁ ସମୁଦ୍ର ବେଳାଭୂମି ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଇକୋ ରିଟ୍ରିକ ହେଉଥିବା ବେଳେ ଛତ୍ରପୁରର ତାମ୍ପରା ହ୍ରଦକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ଅଥରିଟି ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟରେ ହ୍ରଦ ପରିସରରେ ଜେଟି, ଗ୍ରାସଲନ୍, ଫୁଡ୍ ପ୍ଲାଜା, ପାର୍କ, ଉଡେନ୍ ବ୍ରିଜ ଓ ଶିଶୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଡିଜିଟାଲ ଖେଳ ସାମଗ୍ରୀର ବ୍ୟବସ୍ଥା କରାଯାଇଛି । ୱାଟର ସ୍କୁଟର, ପେଡେଲ ବୋଟ୍ ଓ ଲଞ୍ଚ ମଧ୍ୟରେ ପର୍ଯ୍ୟଟକ ହ୍ରଦର ଜଳରାଶିରେ ବୁଲିବାର ମଜା ଉଠାଉଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଏବେ ଆରମ୍ଭ ହୋଇଛି ସଟର ଡେ' ଇଭିନିଂ କାର୍ଯ୍ୟକ୍ରମ ।ଏହା ଦ୍ୱାରା ବାହାର ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକ ମାନେ ସ୍ଥାନୀୟ ଅଞ୍ଚଳର କୁନି କୁନି କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଉଥିବା କଳାକୁ ମନଭରି ଉପଭୋଗ କରୁଛନ୍ତି ।

## ସଡକ ଦୁର୍ଘଟଣାରେ ବିରଳ କୃଷ୍ଣସାର ମୃଗ ମୃତ

ଆସିକା ୦୫/୭ (ନି.ପ୍ର) :ଆସିକା ବ୍ଲକ କଲେଜ ଛକ ନିକଟସ୍ଥ ଡି ପଲ ସ୍କୁଲ ସାମ୍ନାରେ ଅଜଣା ଗାଡି ଧକ୍କାରେ ବିରଳ କୃଷ୍ଣସାର ମୃଗର ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃଗଟି ସନ୍ଧ୍ୟା ସମୟରେ ନିଜ ମୁଖ୍ୟ ବିଚରଣ ସ୍ଥଳକୁ ଫେରୁଥିବା ସମୟରେ କୌଣସି ଏକ ଅଜଣା ଗାଡି ସହ ଧକ୍କା ହୋଇ ଥିବା ସ୍ପଷ୍ଟ ଅନୁମେୟ । କୃଷ୍ଣସାର ମୃଗ ସାରା ଓଡ଼ିଶାର ଗର୍ବ ଓ ଗୌରବ ହୋଇଥିଲା ବେଳେ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସରକ୍ଷଣ ବ୍ୟବସ୍ଥା କରାଯାଉଥିବାର ବନବିଭାଗୀୟ ଅଧିକାରୀ ମାନେ ଡିଣ୍ଡିମ ପିଟୁଥିବା ବେଳେ ବାରମ୍ବାର ଏହିଭଳି ଦୁର୍ଘଟଣା ଘଟି ଚାଲିଛି । ସେମାନଙ୍କ ପାଇଁ ଆସିକା ବ୍ଲକ ଅନ୍ତର୍ଗତ ଭେଟନଇ ବନାଞ୍ଚଳରେ ସେମାନଙ୍କ ପାଇଁ ଏକର ଏକର ଜମିରେ ବିଚରଣ କ୍ଷେତ୍ର ପ୍ରସ୍ତୁତ କରାଯାଇଥିବା ବେଳେ ଅନୁସଙ୍ଗିକ ଖାଦ୍ୟ ଭିତ୍ତି ଭୂମିର ଅଭାବ ଯୋଗୁଁ ଏହି ବିରଳ ପ୍ରଜାତିର କୃଷ୍ଣସାର ମୃଗ ମାନେ ବାଧ ହୋଇ ଜନ ବସତି ଓ ମୁଖ୍ୟ ରାସ୍ତା କଡରେ ଥିବାର କ୍ଷେତ ଆଡକୁ ମୁହାଉଥିବା ଦେଖିବାକୁ ମିଳୁଛି । ଯାହା ଫଳରେ ବାରମ୍ବାର ଦୁର୍ଘଟଣା ଘଟି ଏହି ପ୍ରଜାତିର ମୃଗ ପ୍ରାୟ ଲୁପ୍ତ ହେବାକୁ ବସିଲାଣି ।ଏହି ଦୁର୍ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସ୍ଥାନୀୟ ବନବିଭାଗ ତରଫରୁ ନମକୁମାତ୍ର ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳ ରେ ସତର୍କ ସୂଚନା ଫଳକ ଲଗାଇ ନିରବ ନିଦ୍ରାରେ ସ୍ଥାନୀୟ ବନବିଭାଗ ଶୋଇଥିବା ପରିବେଶ ବିତ ମହଲରେ ଚର୍ଚ୍ଚାରେ ବିଷୟ ପାଲଟିଛି.ସେହିଭଳି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ରେ ହୋଇଥିବା ହରିଣ ବିଚରଣ କ୍ଷେତ୍ରଟି ଟାଙ୍ଗରା ପଡିବା ସାଙ୍ଗକୁ କେତକ ମୁଷ୍ଟିମେୟ ଲୋକ ନିଜ ନାମରେ ପଟ୍ଟା କରିଥିବା ଅଭିଯୋଗ ହେଉଛି ।

## ୭୩ ତମ ବନ ମହୋତ୍ସବ ପାଳିତ

ନବରଙ୍ଗପୁର ୦୫/୭ (ନି.ପ୍ର) : ଆଜି ୭୩ ତମ ଜାତୀୟ ବନ ମହୋତ୍ସବ ସପ୍ତାହ ଅବସରରେ ନବରଙ୍ଗପୁର ଜିଲ୍ଲା ସଦର ମହକୁମା ମହିଳା ମହାବିଦ୍ୟାଳୟ ନିକଟରେ ଥିବା ଛତ୍ରଭଟ ଶ୍ମଶାନ ଠାରେ ଜିଲ୍ଲା ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଁଳା, ଫାସି, ଆମ୍ବ, ପଣସ, ଜାମୁକୋଳି, ଦେଶୀ ନିମ୍ବ , ବଡ଼ ଚାକୁଣ୍ଡା, ବାହାଡ଼ା, ଅର୍ଜୁନ, କଷି, ଦେବଦାରୁ , କୃଷ୍ଣ ଚୁଡ଼ା, ରାଧା ଚୁଡ଼ା ବୃକ୍ଷ ଆଦି ରୋପଣ କରାଯାଇଥିଲା। ନିଜର ନୈନ୍ଦିନ ଜୀବନରେ ହେଉ କିମ୍ବା ଆଗାମୀ ପିଢି ପାଇଁ ସ୍ୱଚ୍ଛ ଅମ୍ଳଜାନ ନିମନ୍ତେ ବୃକ୍ଷ ରୋପଣ ର ବିକଳ୍ପ ଆଉ କିଛି ନାହିଁ ବୋଲି ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ କେନ୍ଦୁଗୁଡା ବନ ସଂରକ୍ଷଣ ସମିତିକୁ ବିଜୁ ପଟ୍ଟନାୟକ



ପୁରସ୍କାର ସହିତ କୋଡ଼ିଏ ହଜାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସହକାରୀ ବନ ସଂରକ୍ଷକ ଧନୁର୍ଯ୍ୟ ମହାପାତ୍ର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୌର ପାଳିକା ଅଧକ୍ଷ କୁନୁ ନାୟକ, ଖଣ୍ଡିୟ ବନ ଅଧିକାରୀ ପ୍ରସନ୍ନ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ରତ୍ନାକର ସାହୁ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ତହସିଲଦାର ରବିନ୍ଦ୍ର କୁମାର ରାଉତ, ପୂର୍ବତନ ଲୋକସଭା ସାଂସଦ ବଳଭଦ୍ର ମାଝୀ, ବନାଞ୍ଚଳ ଅଧିକାରୀ ତଡିତ ସ୍ୱାଇଁ, ବନପାଳ ଗୋବିନ୍ଦ ନାୟକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁୀକାଳୀନ ହିମାଂଶୁ ଶେଖର ପଟ୍ଟନାୟକ, ପୌର ପରିଷଦ କାଉନ୍ସିଲର ଅମିତ୍ ପ୍ରଧାନ, ଏ.ସତୀଶ, ନଗେନ୍ଦ୍ର ପଟ୍ଟନାୟକ, ସମେଶ ଖରା, ରଞ୍ଜିତା ପଣ୍ଡା, ସନ୍ତୋଷୀ ଜାନି, ଜଗଦୀଶ ବିଶୋୟୀ, କାହ୍ନୁ ଦାସ, ଓଡିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଖବରଦାତା, ସ୍ୱେଚ୍ଛାସେବୀ , ରକ୍ତଦାତା ସ୍ୱ?ଚ୍ଛାସେବୀ , ବନ ବିଭାଗ କର୍ମଚାରୀ ଏବଂ ଶ୍ମଶାନ କମିଟି ସଭାପତି ଓ ସଭ୍ୟ ବୃନ୍ଦ ସମେତ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ହିଞ୍ଜିଳି ଥାନା ଅଞ୍ଚଳରେ ସିରିଜ ଲୁଟ୍, ପୋଲିସ ହାତବାନ୍ଧି ବସିଛି

ହିଞ୍ଜିଳିକାଟୁ ୦୫/୭ (ନି.ପ୍ର) : ହିଞ୍ଜିଳି ଥାନା ଅଞ୍ଚଳରେ ଗତ କିଛି ଦିନ ଧରି ସିରିଜ ଲୁଟ୍ ଚାଲିଛି । ଲୁଟେରା ମାନେ ପୋଲିସ ଆଖିରେ ଧୂଳି ଛାଟି ଏବଂ ସ୍ଥାନୀୟ ପୋଲିସ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଥିବା ବେଳେ ଲୁଟେରାକୁ କାବୁ କରିବାରେ ହିଞ୍ଜିଳି ପୋଲିସ ସଫଳ ହୋଇପାରିନାହିଁ । ଯଦ୍ୱାରା ହିଞ୍ଜିଳି ପୋଲିସ ପ୍ରଶାସନର ପାରିବାପଣ ପଦାରେ ପଡିଛି । ହିଞ୍ଜିଳି ଥାନା ଅଞ୍ଚଳରେ ଗତ ୧ ମାସ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଲୁଟେରା ମାନେ ଲୁଟ୍ କରି ଚମ୍ପଟ ମାରିବାରେ ସକ୍ଷମ ହେଉଥିବା ବେଳେ ପୋଲିସ କେବେ ଅନ୍ଧାରରେ ବାଡି ବୁଲାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ରାଳବ ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘରର ବାରିପଟ କବାଟ ତାଲା ଭାଙ୍ଗି ଘରର ଆଲମାରୀରୁ ୭ ଭରି ସୁନା ଓ ୧୨ ଭରି ରୁପା ଅଳଙ୍କାର ସମେତ ନଗଦ ୧୨ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଶନିବାର ରାତିରେ ପରିବାର ସଦସ୍ୟ ରାତ୍ରି ଭୋଜନ ସାରି ଶୋଇଥିବା ବେଳେ ଲୁଟେରା ମାନେ ଘରର ବାରିପଟ କବାଟ ତାଲା ଭାଙ୍ଗି ଘରର ଆଲମାରୀରୁ ଲୁଟ୍ କରିଥିଲେ । ପରେ ଆଲମାରୀକୁ ଘରର ବାରିପଟରେ ଫୋପାଡି ଦେଇଥିଲେ । ପରିବାର ସଦସ୍ୟ ସକାଳୁ ଉଠି ଘରେ ଆଲମାରୀ ନଥିବା ଏବଂ ଘରର ବହୁ ଆସବାବପତ୍ର ଏଣେତେଣେ ପଡିଥିବା ଦେଖିବାକୁ ପାଇଥିଲେ । ଘରର ବାରିପଟରେ ଆଲମାରୀ ଭଙ୍ଗାଯାଇ ପଡିଥିବା ଦେଖିବାକୁ ପାଇଥିଲେ । ସୁନା, ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରୀ ହୋଇଥିବା ନେଇ ରିନା ପାଣ୍ଡି ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ନମ୍ବର ୩୨୯/୨୨ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଥାଉକି, ମଙ୍ଗଳବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ପୋଡିଙ୍ଗି ଗ୍ରାମର ଦୂର୍ଯ୍ୟୋଧନ ଗୌଡଙ୍କ କବାଟ ଭାଙ୍ଗି ୮ ଭରି ଓଜନର ସୁନା ଅଳଙ୍କାର ସମେତ ରୁପା ଅଳଙ୍କାର ଓ ୬୦ ହଜାର ଟଙ୍କା ଲୁଟ କରି ଲୁଟେରା ମାନେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ । ଅନ୍ୟପକ୍ଷରେ ଗତ କିଛି ଦିନ ଧରି ହିଞ୍ଜିଳିକାଟୁ ସହରରେ ଲଗାତାର ଭାବେ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରୀ ହେଉଥିବା ସୂଚନା ମିଳିଛି । ପୋଲିସ ପ୍ରଶାସନ ପକ୍ଷରୁ ପେଟ୍ରୋଲି ବ୍ୟବସ୍ଥା କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବିଦ୍ୟୁତ କର୍ମଚାରୀ ଗୁରୁତର

ପାଟଣା ୦୫/୭ (ନି.ପ୍ର) : ଘଟଗାଁ ବିଦ୍ୟୁତ୍ ଉପଖଣ୍ଡ ଢେଙ୍କିକୋଟ ସବଷ୍ଟେସନ ଅଧୀନରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀ ଗତ କାଲି ୧୧ କେଭି ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଉଛନ୍ତି କୁସୁପଦା ଗ୍ରାମର ଗଣେଶ୍ୱର ମହାନ୍ତ ଙ୍କ ପୁଅ ଯଜ୍ଞଦତ୍ତ ମହାନ୍ତ(୨୯) ବୋଲି ଜଣାପଡିଛି ।

## ମନେ ରହିବେ ଶ୍ରୀଧର ସାହୁ

### *ଶ୍ରୀଧର ସାହୁଙ୍କୁ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଭାବ ବିହ୍ୱଳ ଶ୍ରଦ୍ଧାଞ୍ଜଳି*

ଭୁବନେଶ୍ୱର୦୫/୭ (ନି.ପ୍ର) : କାଳର କରାଳ କବଳରେ ଉକ୍ତ କୋଭିଡ୍?-୧୯ ମହାମାରୀରେ କବଳିତ ହୋଇ ଅସମୟରେ ଇହଧାମ ତ୍ୟାଗ କରିଥିବା ପୂର୍ବତନ ସରକାରୀ ଅଧିକାରୀ, ନୀଳାଦ୍ରିବିହାର ଆବାସିକ ସଂଘର ପୂର୍ବତନ ସଭାପତି, ସମାଜସେବୀ, ଯୋଗ ଗୁରୁ ତଥା ଜୟଗୁରୁ ଭକ୍ତ ସ୍ୱର୍ଗତଃ ଶ୍ରୀଧର ସାହୁଙ୍କୁ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ନୀଳାଦ୍ରି ବିହାର ଦୁର୍ଗାପୂଜା ମଣ୍ଡପ ଠାରେ ବରିଷ୍ଠ ଆଇନଜିବୀ ତଥା ଆବାସିକ ସଂଘର ଉପଦେଷ୍ଟା ମନମୋହନ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ପ୍ରବଚକ ବିଶ୍ୱନାଥ ଶତପଥୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡି.ଏନ୍?.ଜେନା, ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ମନୋଜ କୁମାର ସାହୁ (ଅଖି), ଆବାସିକ ସଂଘର ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ପାତ୍ର, ସଭ୍ୟ ମିହିର କୁମାର ମିଶ୍ର ଓ ବିରକିଶୋର ମିଶ୍ର ପ୍ରମୁଖ



ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ୱର୍ଗତ ଆତ୍ମାର ଐଶ୍ୱରିକ ଶାନ୍ତି ପ୍ରାର୍ଥନା କରିଥିଲେ । ପ୍ରକାଶ ଥାଉକି ସ୍ୱର୍ଗତ ସାହୁ ୧୯୭୮ ମସିହାରେ ସରକାରୀ କର୍ମଚାରୀ ଭାବରେ ଯୋଗଦେଇ ୨୦୧୧ ମସିହାରେ ସାଧାରଣ ପ୍ରଶାସନ ବିଭାଗର ଡେପୁଟି ସେକ୍ରେଟାରୀ ପଦବୀରୁ ଅବସର ଗ୍ରହଣ କରିଥିଲେ । ଅବସର ପରେ ସ୍ୱର୍ଗତ ସାହୁ ନିଜକୁ ସମାଜସେବା, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସହିତ ଜଡିତ ରହି ଜୟଗୁରୁ କେନ୍ଦ୍ରର ପ୍ରଚାର ପ୍ରସାର ତଥା ଜଣେ ଉ ରୀ ଯୋଗଗୁରୁ ଭାବରେ ଅ ଳରେ ବେଶ୍? ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ସମାଜରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହ ଏହା ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତି କରିବା ସହ ଏକ ସ୍ମୃତି କମିଟି ଗଠନ ଓ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅରୁଣ କୁମାର ଦେ, ମନୋଜ ବିଶ୍ୱାଳ, ରବି ପଣ୍ଡା, ବିପିନ୍? ବିହାରୀ ସାମଲ୍?, ଜ୍ୟୋତି ରଞ୍ଜନ ଦାସ, ବିଶ୍ୱନାଥ ମହାନ୍ତି ତଥା ପରିବାର ଓ ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ସଂଗୀତ ପରିବେଷଣ ଓ ପ୍ରସାଦ ସେବନ ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଶେଷରେ ସାହୁ ପରିବାର ତରଫରୁ ସମସ୍ତଙ୍କ ସଦୟ ଉପସ୍ଥିତ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ବର୍ଜ୍ୟବସ୍ତୁ ପରିଚାଳନାରେ ଡ଼ଷ୍ଟବିନ ବ୍ୟବହାରକୁ ଗୁରୁତ୍ୱ

ହିଞ୍ଜିଳିକାଟୁ ୦୫/୭ (ନି.ପ୍ର) :ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପ୍ରକ୍ରିୟାକରଣ କେନ୍ଦ୍ର ପରିସରରେ ଗତ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ତାଲିମ ପ୍ରଶିକ୍ଷକ ଭାବେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ ମନୋରଞ୍ଜନ ସାହୁ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ ।ଗ୍ରାମାଞ୍ଚଳରେ ଅଳିଆ ଆବର୍ଜନା ସହ ପ୍ରତ୍ୟେକ ଘରୁ କିଭଳି ଭାବେ ନୈନିକ କଠିନ ଓ ତରଳ ବର୍ଜ୍ୟବସ୍ତୁ ସଂଗୃହିତ ହୋଇପାରିବ ଏବଂ ସେହି ପଦାର୍ଥ ଗୁଡ଼ିକର ଉତ୍ତମ ପରିଚାଳନା ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଯୋଜନାର ଉପଯୋଗ ସହ



ସ୍ୱଚ୍ଛ ଗଞ୍ଜାମ, ସୁନ୍ଦର ଗଞ୍ଜାମର ସଫଳ ରୂପାୟନ ଦିଗରେ ଅଗ୍ରାଧିକାର ଦିଆଯାଇ ସଫଳ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ବିଡ଼ିଓ ସୁବ୍ରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସୋମବାର ଗଣ୍ଡଳା ପଞ୍ଚାୟତର ପଳାସୀ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପ୍ରତି ଘରକୁ ଦିଆଯାଇଥିବା ନୀଳ ଓ ସବୁଜ ନୀଳ ରଙ୍ଗର ଡଷ୍ଟବିନରେ ତରଳ ଓ କଠିନ ଅଦରକାରୀ ପଦାର୍ଥ ସବୁକୁ ସଂଗୃହୀତ ଗାଡ଼ିରେ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ ।ଗାଁ ଦାଣ୍ଡ,ପୋଖରୀ ଆଦି ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ଏକକ ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନିଷିଦ୍ଧ ସକାଶେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ ।ସ୍ୱଚ୍ଛ ପରିବେଶ ଓ ପ୍ରଦୂଷଣ ମୁକ୍ତ ଗ୍ରାମ୍ୟ ଗଠନ ସକାଶେ ପ୍ରତ୍ୟେକ ଅଧିବାସୀ ଯତ୍ନଶୀଳ ହେବା ନିମନ୍ତେ ପରାମର୍ଶ ଓ ସଚେତନ କରିଥିଲେ ।କାର୍ଯ୍ୟକ୍ରମରେ ପିଇଓ ନବୀନ ଚନ୍ଦ୍ର ମହାରଣା,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳାଇ, ସ୍ୱଚ୍ଛ ସାଥି, ଅଙ୍ଗନବାଡି ଓ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ।

### ଚେମଣା ରେ ବନମହୋତ୍ସବ

ପାଟଣା ୦୫/୭ (ନି.ପ୍ର) :ପାଟଣା ବନ ବିଭାଗ ପକ୍ଷରୁ ଏହି ବନାଞ୍ଚଳ ଅନ୍ତର୍ଗତ ଚେମଣା ଗ୍ରାମରେ ବନମହୋତ୍ସବ ଅବସରରେ ଚାରା ରୋପଣ କରାଯାଇଛି। ଆନ୍ତର୍ଜାତୀୟ ମାନବ ଅଧିକାର ସଂଗଠନ 'ରକ୍ଷକ' ର ଜିଲ୍ଲା ସଭାପତି ସତ୍ୟବ୍ରତ ନାଏକ, ପାଟଣା ବନାଞ୍ଚଳ ଅଧିକାରୀ ଘାସିନାଥ ପାତ୍ର, ବନପାଳ ସୁନୀତା ବଘେଲ,ବନରକ୍ଷୀ ଉଲିରାଣୀ ସାହୁ ଚେମଣାକ୍ଷ ସମିତି ସଭ୍ୟ ମନୋଜ ମହାନ୍ତ ଓ ସମାଜସେବୀ ଭଗବାନ ଦାଶ ପ୍ରମୁଖଙ୍କ ଉପସ୍ଥିତିରେ ଚେମଣା ବନୀକରଣ ଜାଗାରେ ଶାଳ, ପିଆଶାଳ, ବର, ବଉଳ ଆଦି ପ୍ରାୟ ୧ ହଜାର ଚାରା ରୋପଣ କରାଯାଇଛି।

## ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଙ୍ଘ ତରଫରୁ ଆଲୋଚନା ଚକ୍ର ଅନୁଷ୍ଠିତ

ମୟୂରଭଞ୍ଜ ୦୫/୭ (ନି.ପ୍ର) : ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଙ୍ଘ ଓଡିଶା, ମୟୁରଭଞ୍ଜ ଶାଖା ର କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନା ଚକ୍ର ସ୍ଥାନୀୟ ରାମ ବାଟିକା ପରିସର ରେ ଦୁଇଟି ସୋପାନ ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସୋପାନ ରେ ଶିକ୍ଷାବିତ ଡ଼ ଭାଗବତ ଲେଙ୍କା ଙ୍କ ଅଧ୍ୟକ୍ଷତା ରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସଙ୍ଘ ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ଼ ପିତବାସ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କବି ସମ୍ମିଳନି ରେ କବି ଉମେଶ ଚନ୍ଦ୍ର ପତି, ମିତାଭାନୁ ତନ୍ତି, ପତିତପାବନ ଗିରି, ବିଘ୍ନେଶ୍ୱର ମହାନ୍ତ, ମଞ୍ଜୁଶ୍ରୀ ମହାନ୍ତ, ମନହୋର ପାତ୍ର, ନୃସିହ ସିଂ, ରବୀନ୍ଦ୍ର ମହାନ୍ତ, ଭରତ ଚନ୍ଦ୍ର ଦାଶ ଓ ଡ଼ ଭାଗବତ ଲେଙ୍କା ଯୋଗ ଦେଇ ସ୍ୱ ରଚିତ କବିତା ପାଠ କରିଥିବାବେଳେ ସ୍ୱାତି ଚୌଧୁରୀ, ବିଜୟଶ୍ରୀ ମହାରନା, ଶୁଭଦ୍ରା ଚୌଧୁରୀ ଭଜନ ଗାନ କରିଥିଲେ, ଏହି ସମ୍ମିଳନି ର ଉଦଘାଟନ ରେ କୁନି ନୃତ୍ୟଶିଳ୍ପୀ ବି ଏମ ବିସ୍ମୟୀ ମହାନ୍ତ ଓଡିଶା ନୃତ୍ୟ ପରିବେଶଣ କରିଥିଲେ। ପରେ ସଂଘର ରାଜ୍ୟ ସଭାପତି ଭାଗବତ ଚନ୍ଦ୍ର ତ୍ରିପାଠୀ ଙ୍କ ଅଧ୍ୟକ୍ଷତା ରେ ଆରମ୍ଭ ହୋଇଥିଲେ ଦ୍ୱିତୀୟ ସୋପାନ ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ। ଏଥିରେ ଅତିଥିଭାବେ ରାଷ୍ଟ୍ରୀୟ ସଭାପତି ପୀତବାସ ମିଶ୍ର, ରାଜ୍ୟ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ବିଶ୍ୱବାଣୀ ର ସମ୍ପାଦକ ଅର୍ଜୁନ ଚନ୍ଦ୍ର ମୁଦୁଲି, କରଞ୍ଜିଆ ଏନ ଏ ସି ର ଉପ ନଗରପାଳ ସରୂପ କୁମାର ପରିଜା, ସମାଜସେବୀ ବିଷ୍ଣୁ କୁମାର ଆଗ୍ରୱାଲ, ଅନୀଲ କୁମାର ସାହୁ, ନୃଶହ୍ମ ସିଂ, ଶିକ୍ଷାବିତ ଡ଼ ଭାଗବତ ଲେଙ୍କା, ମୁରଲୀ ଧର ମିଶ୍ର, ସୁନୀଲ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ମଂଚାସୀନ ହୋଇ ସାମ୍ବାଦିକ ମାନଙ୍କୁ ସତ୍ୟ ଖବର ପରିବେଶଣ କରିବାକୁ ଆହ୍ୱାନ କରିବା ସହିତ ମୟୁରଭଞ୍ଜ ଜିଲ୍ଲା ରେ ସଙ୍ଘ କିପରି ସଂଘଠିତ ହେବା ପରାମର୍ଶ ଦେଇଥିଲେ। ଆଜିର ଆଲୋଚ୍ୟ ବିଷୟ ବସ୍ତୁ ମୟୁରଭଞ୍ଜ ଜିଲ୍ଲା ପ୍ରୋଗତି ରେ ଗଣମାଧ୍ୟମ ର ଭୂମିକା ଉପରେ ଆଲୋଚନା କରିଥିଲେ ପରେ ସାମ୍ବାଦିକ ସୁନୀଲ କୁମାର ମିଶ୍ର, ଅର୍ଜୁନ କୁମାର ମୁଦୁଲି, ସୁନୀଲ କୁମାର ମିଶ୍ର, ନୃସିଂହ ସିଂ, ଶିକ୍ଷାବିତ ଡ଼ ଭାଗବତ ଲେଙ୍କା, ସମାଜସେବୀ ବିଷ୍ଣୁ କୁମାର ଆଗ୍ରୱାଲ, କୁନି ନୃତ୍ୟ ଶିଳ୍ପୀ ବି ଏମ ବିସ୍ମୟୀ ମହାନ୍ତ ଙ୍କୁ ସଙ୍ଘ ପକ୍ଷରୁ ସମ୍ବୋର୍ଦ୍ଧନା ଦିଆଯାଇଥିଲା, କାର୍ଯ୍ୟକ୍ରମ କୁ ମଦନ କୁମାର ସାହୁ, ସଂଜୟ ଓଝା, ସଞ୍ଜୟ ଷଡ଼ଙ୍ଗୀ, ଅନୀଲ କୁମାର ସାହୁ, ଶୁକଦେବ ଖୋଟୁଆ, ସମ୍ବିତ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିବାବେଳେ ଶୁକଦେବ ଖୋଟୁଆ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ।

# ଅନନ୍ୟା ଅଡିଓ କବିତା ଆସର ଅନୁଷ୍ଠିତ

କେନ୍ଦୁଝର୦୫/୭ (ନି.ପ୍ର) :ସୁନ୍ଦର ମୋ ଭାଷା ସାହିତ୍ୟ ଜନ୍ମରା କେନ୍ଦୁଝରର ୮୧ ତମ ଅନନ୍ୟା ଅଡିଓ କବିତା ଆସର ମହା ସମାରୋହରେ ଉଦଯାପିତ ହୋଇଯାଇଛି ।ଅନୁଷ୍ଠାନ ପ୍ରାଣପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆସର କାର୍ଯ୍ୟକ୍ରମରେ ମିଳନୀ ସାହିତ୍ୟ ସଂସଦର ସଭାପତି ରସରାଜ ଦେବାଶିଷ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଆସୀନ ଥିବାବେଳେ ସୁସାମ୍ବାଦିକ ସୁସାହିତ୍ତୀକ ପ୍ରଭଞ୍ଜନ ତ୍ରିପାଠୀ ଓ ମାନବବାଦୀ ବ୍ୟକ୍ତିତ୍ୱ ଡ଼ଃ ନୀଳାଦ୍ରୀ ଜଗଦ୍ଦେ ସମ୍ମାନିତ ଅତିଥି ଆସନ ଅଳଙ୍କୃତ କରିଥିଲେ ।ସୁନାମଧନ୍ୟ ଅନନ୍ୟା ପ୍ରତିଭା ପ୍ରଫୁଲ୍ଲ କୁମାର ହୋତା ଉଦ୍ଘାଟନ କରିଥିବା ବେଳେ ସୁଶ୍ରୀ ଆରାଧଙ୍କ ଶୁଭ ଶଙ୍ଖଧ୍ୱନି ଆସରକୁ ଆହ୍ୱାନ କରିଥିଲା ।ଶ୍ରଦ୍ଧେୟ ଗୀତିକାର ଅଂଶୁମାନଙ୍କ ଆଧାତ୍ମିକ ପରିଚାଳନାରେ ଭକ୍ତି ନୈବେଦ୍ୟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କଣ୍ଠଶିଳ୍ପୀ ପ୍ରତାପ କିଶୋର ରାଉତଙ୍କ ଭକ୍ତି ଭଜନର ତାଳେ ତାଳେ ଅଙ୍କିତା ପ୍ରିୟଦର୍ଶିନୀ,ଅଙ୍କିତା ଦାଶ,ମାନସୀ ପାତ୍ର ଆଦି କଣ୍ଠଶିଳ୍ପୀ ମାନେ ଜଗନ୍ନାଥଙ୍କୁ ହୃଦୟରୁ ଭକ୍ତି ଅର୍ଘ୍ୟ ଭଜନ ମାଧ୍ୟମରେ ଅର୍ପଣ କରିଥିଲେ ।ସମ୍ପାଦକ ଶ୍ରୀ ସେନାପତିଙ୍କ ସଂଯୋଜନାରେ ପରିଚାଳିତ ଆସରରେ ସୁ କଣ୍ଠଶିଳ୍ପୀ ମାନସୀ ବେହୁରା,ଶକୁନ୍ତଳା ମିଶ୍ର,ତୃପ୍ତିରାଣୀ ପାତ୍ର ସମେତ ୨୫ଜଣ ପ୍ରତିଭା ତାଙ୍କର ସୁନ୍ଦର ଛନ୍ଦ କବିତା ଓ ମୁକ୍ତ ଛନ୍ଦର ରସବୋଧ ଆବୃତ୍ତି କରିଥିଲେ ।ମୁଖ୍ୟ ଅତିଥୀଙ୍କର ମାର୍ଗଦର୍ଶନ ପ୍ରେରଣାଦାୟକ ଥିଲା ।ହାସ୍ୟମୟୀ ରାଜ,ସ୍ୱପ୍ନା ମହାନ୍ତି,ଉମାକାନ୍ତ ଦାସ ଙ୍କ ନିରୀକ୍ଷଣରେ ତଥା ସୁ ସାମ୍ବାଦିକ ସୁ ସାହିତ୍ୟିକ ନରେନ୍ଦ୍ର ପ୍ରସାଦ ବେହେରା ଓ ଧୀରେନ୍ଦ୍ର ମଲ୍ଲିକଙ୍କର ପର୍ଯ୍ୟବେକ୍ଷଣରେ ସମସ୍ତ ଅଡିଓ କବିତା ପରିବେଷଣ କରାଯାଇ ଜଗନ୍ନାଥଙ୍କ ପଦ ପଙ୍କଜରେ ସମର୍ପିତ କରାଗଲା ।ରାଥପଥର ଏହି କାର୍ଯ୍ୟକ୍ରମର ଅନୁଭୂତି ସଂଯୁକ୍ତା ସାହୁ କରିଥିବାବେଳେ ପ୍ରଫୁଲ୍ଲ କୁମାର ହୋତା ଧନ୍ୟବାଦ ଅର୍ପଣ ଓ ହାସ୍ୟମୟୀ ରାଜ ଅନୁଷ୍ଠାନ ବାର୍ତ୍ତା ସହ ଶାନ୍ତିପାଠ କରିଥିଲେ ।ଏହି ଆସରରେ ଅନନ୍ୟାର ସମସ୍ତ ସଦସ୍ୟ ସଦସ୍ୟାଙ୍କର ସମ୍ପୃକ୍ତି ଓ ସାଗ୍ରହ ତ୍ୟାଗପୂତ କର୍ମପ୍ରବଣତା ପ୍ରକଟିତ ହୋଇଥିଲା ।

# ବନ ମହୋତ୍ସବ ଫେଲ ମାରୁଛି ନଷ୍ଟ ହୋଇଯାଉଛି ଗଛ

ଝଗାଇସିଲେଟ05/07 (OTNS)-ବରଗଡ଼ ଜିଲ୍ଲା ର ଗାଇସିଲେଟ ବ୍ଲକ ଅନ୍ତର୍ଗତ ଛିନ୍ଦ୍ରାପାଳି ଗ୍ରାମଠାରୁ ଫିରିଙ୍ଗିମାଲ ଦେଇ ଯାଇଥିବା ଗାଇସିଲେଟ ମୁଖ୍ୟ ରାସ୍ତା ର ଦୁଇ ପାର୍ଶ୍ୱରେ ଲାଗିଥିବା ଗଛ ଗୁଡିକ ଅବହେଳିତ ଅବସ୍ଥାରେ ପଡିରହିଛି ।ଗାଇସିଲେଟ ବନବିଭାଗ ଙ୍କ ଦ୍ୱାରା କରାଯାଇଥିବା ଏହି କାମକୁ ମନରେଗା ଜରିଆରେ ସମସ୍ତ ବିଲ ପାଉଣା ହୋଇଛି ।ଗଛ ଗୁଡିକର ସୁରକ୍ଷା ଦେବାପାଇଁ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରିବା କଥା ହେଲେ ତାହା କରାଯାଇନାହିଁ ।ତା ସାଙ୍ଗକୁ ବର୍ତ୍ତମାନ ଗ୍ରୀଷ୍ମ ଋତୁରୁ ବର୍ଷା ଋତୁ ହୋଇଛି ଗଛ ଗୁଡିକ ବେଶ ଚଂଚକତା ସହ ବୃଦ୍ଧି ପାଇବାରେ ଲାଗିଛି ।ହେଲେ କେତେ ଗଛ ଗୁଡିକ ଖରାରେ ମରିଯାଇଛି ଗଛରେ ଲାଗିଥିବା ସବୁଜ ରଙ୍ଗର ଆସ୍ତରଣ ଗୁଡିକ ଫାଟି ଯାଇଛି ତ ଆଉ କେଉଁ ଗଛ ଗୁଡିକର ଆସ୍ତରଣ ନାହିଁ ।ସରକାର ଗଛ ଗୁଡିକର ଯତ୍ନ ନେବାପାଇଁ ଅନେକ ଯୋଜନା କରିବା ସାଙ୍ଗକୁ ବନ ମହୋସବ ପାଳନ କରୁଛନ୍ତି ।ଗଛ ବଞ୍ଚିଲେ ଆମେ ବଞ୍ଚିବା ନାରା ପଦାରେ ପଡିଛି ।ଏହି କାମକୁ ଫିରିଙ୍ଗିମାଲ ଗ୍ରାମପଞ୍ଚାୟତ ର ପୂର୍ବତନ ସରପଞ୍ଚ ଙ୍କ କେତେ ଜଣ ବ୍ୟକ୍ତି ଏବଂ ଗାଇସିଲେଟ ବନବିଭାଗ ଙ୍କ ମିଳିତ ଉଦ୍ୟମରେ କରାଯାଇଥିଲା ।ତେଣୁ କରି ଏହି ଗଛ ଗୁଡିକର ପୁଣି ଥରେ ଯତ୍ନ ନିଆଗଲେ ଗଛ ଗୁଡିକ ହୃଷ୍ଟପୃଷ୍ଟ ହୋଇପାରନ୍ତା ବୋଲି ଜନସାଧାରଣ କହିଛନ୍ତି ।

# ଓଲଟି ପଡ଼ିଲା ଯାତ୍ରୀବାହୀବାସ : ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




ବୁଗୁଡା ୦୫/୭ (ନି.ପ୍ର) :ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ଥାନା ଅନ୍ତର୍ଗତ ପାଙ୍ଗିଡି ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ ଦୁର୍ଘଟଣା ଘଟାଇ ଥିବାବେଳେ ଯାତ୍ରୀମାନେ ମରଣ ମୁଖରୁ ବର୍ତ୍ତିଯାଇଥିବା ଜଣାପଡିଛି । ସୂଚନା ପ୍ରକାରେ ବୁଗୁଡା ରୁ ଭଞ୍ଜନଗର ଅଭିମୁଖେ ବାପାଙ୍ଗି ନାମକ ଏକ ଘରୋଇ ଯାତ୍ରୀବାହୀ ବସ ପାଙ୍ଗିଡି ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ରାସ୍ତା କଡ଼ କ୍ଷେତରେ ଓଲଟି ପଡିଥିଲା । ସୌଭାଗ୍ୟ ବଶତଃ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ବେଳେ କେହି ମଧ୍ୟ ବଡ ଧରଣର ଆହତ ହୋଇନାହାଁନ୍ତି । ଦୁର୍ଘଟଣା ଘଟାଇ ଥିବା ବସ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଚାଲିଯାଇଛି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବୁଗୁଡା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ବୃନ୍ଦ ଘଟଣା ସ୍ଥଳରେ ପହଞ୍ଚି ଆହାତ ବ୍ୟକ୍ତିଙ୍କୁ ଦମକଳ ଗାଡିରେ ବୁଗୁଡା ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ଅଭିଜ୍ଞତା ନଥିବା କେତେକ ଡ୍ରାଇଭରମାନଙ୍କ ବେପାରୁଆ ଗାଡିଚାଳନା ଯୋଗୁଁ ସଡକ ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଢ଼ ଭାବେ ଯାଞ୍ଚ କରିବା ନିହାତି ଆବଶ୍ୟକ ହୋଇପଡିଛି ।

# ବାରିପଦା ନଗର କନ୍‌ଜ୍ୟୁମର କୋ-ଅପରେଟିଭ୍ ଷ୍ଟୋରର ଉପ-ସଭାପତି ଭାବେ ଶ୍ରୀମତୀ ଦ୍ରୌପଦୀ ସାହୁ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଛନ୍ତି

ଆଜି ତା.୦୫.୦୭.୨୨ଚଳିତ ସମବାୟ ନିର୍ବାଚନ ପରିପ୍ରେକ୍ଷୀରେ ବାରିପଦା ନଗର କନ୍‌ଜ୍ୟୁମର କୋ-ଅପରେଟିଭ୍ ଷ୍ଟୋରର ଉପ-ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ଏଥିରେ ୧୫ଜଣ ସଦସ୍ୟ ନିର୍ଦ୍ଦନ୍ଦ ଭାବେ ନିର୍ବାଚିତ ହୋଇଥିଲେ ଏବଂ ବିଶିଷ୍ଟ ସମବାୟ ବିତ୍ ଖଗେଶ୍ୱର ବଳିଆର ସିଂ ମଧ୍ୟ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଥିଲେ । ଉପ-ସଭାପତି ନିର୍ବାଚନରେ ଶ୍ରୀମତୀ ଦ୍ରୌପଦୀ ସାହୁ ଏକକ ନାମାଙ୍କନ ପତ୍ର ଦାଖଲ କରିଥିଲେ ଏଣୁ ନିର୍ବାଚନ ଅଧିକାରୀ ବିଜୟ କୁମାର ଟୁଡୁ ଶ୍ରୀମତୀ ସାହୁଙ୍କୁ ଉପ-ସଭାପତି ଭାବେ ନର୍ବାଚିତ ଘୋଷଣା କରିଥିଲେ । ଶ୍ରୀମତୀ ସାହୁଙ୍କର ବିଜୟରେ ସଭାପତି ଖଗେଶ୍ୱର ବଳିଆର ସିଂ ଙ୍କ ସମେତ ପ୍ରଜ୍ଞା ଦିପ୍ତି, ବଳିଆର ସିଂ, ବିବେକାନନ୍ଦ ମଲ୍ଲିକ୍, ଦେବବ୍ରତ ଦେ, ସାବିତ୍ରୀ ପାତ୍ର, ଦେବୀଦତ୍ତ ଦାସ, ଫାଲ୍‌ଗୁନୀ ମହାନ୍ତି, ଜୟେଶ ପାତ୍ର, ସୀତାମଣି ବିଶ୍ୱାଳ, ଜସ୍ମି ମାଝୀ, ସଞ୍ଜୀବ ବେହେରା, ଅନୁରେଖା ବଳିଆର ସିଂ, ସୋରଜ କୁମାର ବୋଷ, ଦିଲିପ୍ କୁମାର ଦତ୍ତ ପ୍ରମୁଖ ଶ୍ରୀମତୀ ସାହୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ନନପଡ଼ା- ହାଇସ୍କୁଲ ରାସ୍ତା ମଝିରେ ବିରାଟ ଗର୍ତ୍ତ: ଦୀର୍ଘଦିନ ହେବ ଲୋକେ ହୀନସ୍ତା

ନିରାକାରପୁର 05/07 : ପଞ୍ଚାୟତ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା କାମ କରୁଛି । ଲୋକେ ସୁବିଧା ବି ପାଉଛନ୍ତି । କିନ୍ତୁ କିଛି କିଛି ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଖୋର୍ଦ୍ଧା



ଜିଲ୍ଲା ନିରାକାରପୁର ନନପଡ଼ା ଜଗନ୍ନାଥପୁର ସାହି ଦେଇ ହାଇସ୍କୁଲ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ବର୍ତ୍ତମାନ ଶୋଚନୀୟ । ଏହି ରାସ୍ତାଟି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ସହ ଏହି ରାସ୍ତା ମଝିରେ ଦୀର୍ଘ ଦିନ ହେବ ସୃଷ୍ଟି ହୋଇଛି ଏକ ବିରାଟ ଗର୍ତ୍ତ । ଏଥିରେ ବିଭିନ୍ନ ସମୟରେ ଯାତାୟତ କରୁଥିବା ଲୋକମାନେ ପଡ଼ି ଖଣ୍ଡିଆଖାବରା ହେଉଥିବାର ଅଭିଯୋଗ ହେଉଛି । ଏହି ରାସ୍ତାଟି ପଞ୍ଚାୟତ ଅଧୀନରେ ଥିବାବେଳେ ଏହି ଅଂଶଟିରେ ଏକ ଛୋଟ ପୋଲ ନିର୍ମାଣ କରାଯାଇଥିଲା । କିନ୍ତୁ ଏହି ରାସ୍ତାରେ କିଛି ଭାରୀ ଯାନ ଯାତାୟତ କରିବାରୁ ଏହା ଭାଙ୍ଗି ଯାଇଛି । ଏହି ରାସ୍ତାର କଡ଼ରେ ଲୋକମାନେ ନିଜନିଜ ଘରର ବ୍ୟବହୃତ ବର୍ଜ୍ୟବସ୍ତୁ ପକାଇବା କାରଣରୁ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ଫଳରେ ଯାତାୟତ କରୁଥିବା ଲୋକମାନେ ବହୁ ଅସୁବିଧାରେ ଅନୁଭବ କରୁଥିବା ଜଣାପଡ଼ିଛି । ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ଏହି ଭଙ୍ଗା ଅଂଶର ତୁରନ୍ତ ମରାମତି କରି ଯାତାୟତ ସୁଗମ କରିବା ସହ ଏହି ରାସ୍ତା କଡ଼ରୁ ଅଳିଆ ଆବର୍ଜନା ସଫା କରିବାର ବ୍ୟବସ୍ଥା କରିବାକୁ ଦାବୀ ହେଉଛି ।

# ଜାତୀୟ ରାଜପଥଠାରୁ ରତାମାଟି,ସରପାରୀ ପ୍ରଧାନମନ୍ତ୍ରୀ ସଡ଼କର ମରାମତି ପାଇଁ ଦାବୀ




- ନିମ୍ନମାନର କାର୍ଯ୍ୟ ଯୋଗୁ ସ୍ଥାୟୀତ୍ୱ ଉପରେ ପ୍ରଶ୍ନ : ରାସ୍ତା ଫାଟି ଆଁ
- ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତା ପ୍ରମାଣ ଦେଇଛି ଏହି ସଡ଼କ
- ଗ୍ୟାରେଣ୍ଟି ପରିୟଡ଼ ଆଉ ୪ମାସ ରହିଲା: ରକ୍ଷଣାବେକ୍ଷଣ ଉପରେ ଗୁରତ୍ୱ ନାହିଁ
- କୋଟି କୋଟି ଟଙ୍କାର କାର୍ଯ୍ୟ ଉପରେ ଯନ୍ତ୍ରୀଙ୍କ ତଦାରଖ ରହିବା ଜରୁରୀ

ନିରାକାରପୁର 05/07 :ସରକାର ରାସ୍ତାଘାଟର ଉନ୍ନତିକରଣ ଓ ଗାଁ ଗାଁକୁ ସଂଯୋଗୀକରଣ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଓ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେଉଛି । ଯାହା ଫଳରେ ଗମନାଗମନ ସୁଫଳ ମିଳିଛି ସାଧାରଣ ଲୋକଙ୍କୁ । କିନ୍ତୁ କିଛି କିଛି ସ୍ଥାନରେ ଲାଭଖୋର ଠିକାଦାର ଓ ଲାଞ୍ଚୁଆ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଏହାର ସ୍ଥାୟୀତ୍ୱ ଓ କାର୍ଯ୍ୟର ମାନ ଉପରେ ଲଗାଉଛନ୍ତି ପ୍ରଶ୍ନବାଚୀ । ଏଭଳି ଏକ ନିମ୍ନମାନର କାର୍ଯ୍ୟର ପ୍ରତିଫଳନ ସୃଷ୍ଟି କରି ଜାତୀୟ ରାଜପଥ ୧୬ ଠାରୁ ରତାମାଟି ,ସରପାରୀ ପ୍ରଧାନମନ୍ତ୍ରୀ ସଡ଼କ । ଏହି କାର୍ଯ୍ୟ କେତେ ଯେ ନିମ୍ନମାନର ହୋଇଛି ତାହା କେବଳ ଜଣେ ଲୋକ ଦେଖିଲେ ହିଁ ଉପଲବ୍ଧି କରିପାରିବ । ଯେତେ ବେଳେ ଏହି କାର୍ଯ୍ୟ ସମ୍ପନ୍ନ ହେଉଥିଲା । ସେତେବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ପ୍ରମାଣିତ କରୁଛି ଏହି ନିମ୍ନମାନର କାର୍ଯ୍ୟ । ଯାହା ତ କାର୍ଯ୍ୟ ହେଇଛି ହେଉଛି ପୁଣି ବିଭାଗ କିମ୍ବା ଠିକାଦାର ପକ୍ଷରୁ ରକ୍ଷଣାବେକ୍ଷଣା କରାଯାଉନାହିଁ । ଆଉ ୪ ମାସ ପରେ ଠିକାଦାରଙ୍କ ଗ୍ୟାରେଣ୍ଟି ପରିୟଡ଼ ବି ଶେଷ ହେବାର ପ୍ରଦର୍ଶନ ବୋର୍ଡ଼ ସୂଚନାରୁ ହିଁ ଜଣାପଡୁଛି । ଏହି ପ୍ରଧାନମନ୍ତ୍ରୀ ସଡ଼କର ନିର୍ମାଣ ଦାୟିତ୍ୱ ଜଣେ କ ଶ୍ରେଣୀର ଠିକାଦାର ନେଇ ୨୦୧୬ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ୬.୪୦ କିଲୋମିଟର ରାସ୍ତାର ନିର୍ମାଣ ପାଇଁ ୨ କୋଟି ୯୪ ଲକ୍ଷ ୯୦ ହଜାର ଥିବାବେଳେ ୫ ବର୍ଷର ରକ୍ଷଣାବେକ୍ଷଣା ପାଇଁ ୨୮.୫୭ ଲକ୍ଷ ଟଙ୍କା ରଖାଯାଇଥିଲା । କାର୍ଯ୍ୟ ଶେଷ ହେବାର ତାରିଖ ୨୦୧୭ ମସିହା ନଭେମ୍ବର ୩୦ ତାରିଖ ଥିଲା । ଏହାର ତଦାରଖ ଦାୟିତ୍ୱ ଥିଲା ନିରାକାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗର । କିନ୍ତୁ ସେତେବେଳେ କିଛି ଅସୁବିଧା ଲାଗି ଏହାର ତଦାରଖ ଦାୟିତ୍ୱ ଅନ୍ୟ ଖୋର୍ଦ୍ଧାର ଜଣେ ଯନ୍ତ୍ରୀ ଦିଆଯାଇଥିବାର ଶୁଣିବାକୁ ମିଳିଥିଲା । ଏବେ ଏହି ରାସ୍ତାର ପିଚୁର ଅବସ୍ଥା ନ କହିବା ଭଲ ଓ ଯେଉଁ ଅଂଶରେ ସିମେଣ୍ଟ କଂକ୍ରିଟ ରାସ୍ତା ହୋଇଥିଲା ସେଥିରୁ କଂକ୍ରିଟ ଫାଳ ଫାଳ ହୋଇ ଉଠିବାକୁ ଲାଗିଲାଣି । କିନ୍ତୁ ତଥାପି ବି ବିଭାଗର ନଜର ପଡୁନି । ମଝିରେ ରକ୍ଷଣାବେକ୍ଷଣା କାର୍ଯ୍ୟ ଉକ୍ତ ଠିକାଦାର କରୁଥିବାବେଳେ ତାହା ବି ନିମ୍ନମାନର ହେବାରୁ କିଛି ଲୋକ ତାକୁ ବାରଣ କରିଥିଲେ । ବିଭାଗୀୟ ଅଧିକାରୀମାନଙ୍କର ହେଙ୍କାନ ଓ ଦାୟିତ୍ୱହୀନତା ଲାଗି ଏପରି ହେଉଥିବାବେଳେ ଭବିଷ୍ୟତରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ସମୟରେ ନିଜେ ଯନ୍ତ୍ରୀ ଏହାର ତଦାରଖ କରିବା ସହ ୧୬ନମ୍ବର ଜାତୀୟ ରାଜପଥରୁ ସରପାରୀ ଆଡ଼କୁ ଯାଇଥିବା ରାସ୍ତାର ମରାମତି ତୁରନ୍ତ କରିବାକୁ ମଧ୍ୟ ସାଧାରଣରେ ଦାବୀ ହେଉଛି ।

# ପୂର୍ବତନ ବିଧାୟକଙ୍କ ନାତିଙ୍କ ବିୟୋଗରେ ପରିବାରକୁ ସମବେଦନା ଜଣାଇଲେ ବୈଜୟନ୍ତ



ରାଜନଗର୦୫/୭ (ନି.ପ୍ର) : ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର ଜଗନ୍ନାଥପୁର ଶାସନର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଅନନ୍ତଚରଣ ତ୍ରିପାଠୀଙ୍କ ଘରେ ପହଂଚିଥିଲେ ପ୍ରାକ୍ତନ ସାଂସଦ ବୈଜୟନ୍ତ ପଣ୍ଡା । ସ୍ୱର୍ଗତ ତ୍ରିପାଠିଙ୍କ ପୁଅ ସୁକାନ୍ତକୁମାର ତ୍ରିପାଠିଙ୍କର ଏକମାତ୍ର ପୁଅ ସଞ୍ଜିତ ତ୍ରିପାଠି(ସୁମନ-୩୪)ଙ୍କର ଏପ୍ରିଲ ମାସ ୧୨ତାରିଖ ଦିନ ଅକାଳ ବିୟୋଗ ହୋଇଥିଲା । ପ୍ରାକ୍ତନ ସାଂସଦ ଶ୍ରୀ ପଣ୍ଡା ବାହାର ରାଜ୍ୟରେ ଦଳୀୟ ଦାୟିତ୍ୱରେ ବ୍ୟସ୍ତ ଥିବାରୁ ଆସିପାରିନଥିଲେ । ସେ ସମୟରେ ଫୋନ ଯୋଗେ ସମବେଦନା ଜଣାଇବା ସହ ଓଡିଶାକୁ ଗଲେ ନିଶ୍ଚୟ ତାଙ୍କ ଘରକୁ ଯିବେ ବୋଲି କଥା ଦେଇଥିଲେ । ଶନିବାର ଅପରାହ୍ନରେ ଜଗନ୍ନାଥପୁର ଶାସନ ଅଜ୍ଜଦୂର(ମହିଁଷିଗୋଠ) ଗାଁ ନିକଟରେ ହେଲିପ୍ୟାଡରେ ଓହ୍ଲାଇ ଶ୍ରୀ ତ୍ରିପାଠିଙ୍କ ସହ ତାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ । ସୁକାନ୍ତ ତ୍ରିପାଠି ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସମର୍ପିତ କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରି ଆସୁଛନ୍ତି । ବ୍ୟକ୍ତିଗତ ଭାବରେ ଶିକ୍ଷକତା ସହିତ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ଜଡିତ ରଖିଛନ୍ତି । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଏକମାତ୍ର ପୁଅର ମୃତ୍ୟୁ ପରେ ସେ ଭାଙ୍ଗି ପଡିଥିଲେ । ପ୍ରାକ୍ତନ ସାଂସଦ ଶ୍ରୀ ପଣ୍ଡାଙ୍କୁ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଦୁଃଖରେ ସହଭାଗିତା ହେବା ପାଇଁ ସେ ଆସିଥିବାରୁ ସେ କୃତଜ୍ଞତା ଜଣାଇଥିଲେ । ଶ୍ରୀ ପଣ୍ଡାଙ୍କ ସହିତ କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି କିଶୋରକୁମାର ପଣ୍ଡା, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଅଜୟ ବେହେରା, ସୁନାକର ବେହେରା, ଦିଲ୍ଲିପ ରାଉତ, କୈଳାସ ପଣ୍ଡିତ ପ୍ରମୁଖ ସାମିଲ ହୋଇଥିଲେ ।

## ହାଇଦ୍ରାବାଦର ହୋଟେଲରେ ଝୁଲୁଛି ଓଡିଆ ଯୁବକର ଶବ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ରାଜନଗର ୦୫/୭ (ନି.ପ୍ର) : ରାଜନଗର ବ୍ଲକ ମହିଁଷାସୁର ଗ୍ରାମର ସତ୍ୟରାଜ ଜେନା(୨୨) ଦୁଇମାସ ତଳେ ଘରୁ ହାଇଦ୍ରାବାଦ ଯାଇଥିଲେ । ସେ କାମ କରୁଥିବା ହେଟେଲରେ ଶନିବାର ଦିନ ମଧ୍ୟାହ୍ନରେ ସେହି ହୋଟେଲରେ ଶବ ଝୁଲୁଥିବା ଖବର ଆସିବା ପରେ ପରିବାରରେ କାନ୍ଦବୋବାଳି ଲାଗି ରହିଛି । ମହିଁଷାସୁର ଗ୍ରାମର ବସନ୍ତ ଜେନାଙ୍କ ସାନପୁଅ ସତ୍ୟରାଜ ୫ବର୍ଷ ହେବ ହାଇଦ୍ରାବାଦର ଜୁବୁଲି ରୋଡରେ ଥିବା ଆଓ୍ୱାରା କଫିବାର ହେଟେଲରେ କର୍ମଚାରୀ ଭାବରେ କାମ କରି ଆସୁଥିଲେ । କାହିଁକି ଓ କିପରି ପରିସ୍ଥିତିରେ ବେକରେ ରଶି ଲଗାଇ ଝୁଲିଲେ ଯାହାକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାଁନ୍ତି । ବାପା ବସନ୍ତଙ୍କ ସହ ତାର ଭାଇମାନେ ହାଇଦ୍ରାବାଦ ସହରରେ ରହୁଛନ୍ତି । ମା ପ୍ରଭାତୀ ଘରେ ଥିଲେ । ପୁଅର ଏଭଳି ଦୁଃଖଦ ଖବର ଶୁଣି ମା ଧର୍ଯ୍ୟ ଧରି ପାରିନଥିଲେ । ରାଜନଗର ଗସ୍ତରେ ଆସିଥିବା ବୈଜୟନ୍ତ ପଣ୍ଡାଙ୍କୁ ମା ପ୍ରଭାତୀ ଭେଟି ପୁଅର ଦୁଃଖଦ ମୃତ୍ୟୁ ଖବର ଜଣାଇବା ସହ ସହାୟତା ମାଗିଥିଲେ । ଶ୍ରୀ ପଣ୍ଡା ଶାନ୍ତ୍ୱନା ଦେବା ସହ ଘଟଣାର ଅନୁଧାନ କରି ସହାୟତା କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

# ଚାଷଜମିରେ ଯୁବକର ଆତ୍ମହତ୍ୟା

ରାଜନଗର ୦୫/୭ (ନି.ପ୍ର) : ରାଜନଗର ବ୍ଲକ ସାନବଡଗୋପାଳପୁର ବଜାରର ପଛପଟରେ ଥିବା ଚାଷଜମି ମଧ୍ୟରେ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଶନିବାର ସକାଳୁ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ । ଏହି ବ୍ଲକ ରାଜପୁର ପଚାଂୟତ ଚନ୍ଦନପୁର ଗ୍ରାମର ଗୋପୀନାଥ ପ୍ରଧାନ(ଗୋପିଆ-୩୬) ମରି ପଡିଥିଲା । ତା ଶବ ନିକଟରେ ପ୍ୟାଟଂ ସାର୍ଟ ସହ ମଦ ବୋତଲ ଓ ବିଷ ବୋତଲ ପଡିଥିବା ଦେଖିବାକୁ ମିଳିଥିଲା । ଘରେ ତାଙ୍କର ସ୍ତ୍ରୀ ଓ ୭ବର୍ଷର ନାବାଳକ ପୁଅ ଅଛନ୍ତି । ମୃତ୍ୟୁର କାରଣ ଜଣାପଡିନାହିଁ । ପୋଲିସ ଶବକୁ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ଅପରାହ୍ନରେ ଗାଁ ମଶାଣୀରେ ତାର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

# ବେଲପାଳ ନିମ୍ନମୌଳିକ ବିଦ୍ୟାଳୟରେ ଭୂମିପୂଜନ



ରାଜନଗର୦୫/୭ (ନି.ପ୍ର) : ରାଜନଗର ବ୍ଲକ ବେଲପାଳସ୍ଥିତ ନିମ୍ନମୌଳିକ ବିଦ୍ୟାଳୟ ପରିସରରେ ପ୍ରାଚୀର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଭାଗ୍ୟଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୋ-ସ୍କୁଲ ସଭାପତି ତଥା ପ୍ରାକ୍ତନ ସରଂପଚ ପତିତପାବନ ପଣ୍ଡା ଯୋଗଦେଇଥିଲେ । ସନ୍ୟାସୀ ହରମୋହନ ଦାସ ମହାରାଜ ଯୋଗଦେଇ ଭୂମିପୂଜନ କରିଥିଲେ । ମୋ-ସ୍କୁଲରେ ଅଭିଯାନରେ ଛାତ୍ରଛାତ୍ରୀଙ୍କଠାରୁ ମିଳିଥିବା ସହାୟତା ଓ ସରକାରୀ ସହାୟତାକୁ ମିଶାଇ ପ୍ରାଚୀର ନିର୍ମାଣ କରାଯିବ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବିଦ୍ୟାଳୟ କମିଟ୍ ସଭାନେତ୍ରୀ ଗୀତାଞ୍ଜଳୀ ଥାଟୋଇ, ସମାଜସେବୀ ଗୋବିନ୍ଦଚନ୍ଦ୍ର ମହାନ୍ତିଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ମହାରାଣୀ ଦୁର୍ଗାବତୀଙ୍କ ବଳିଦାନ ସ୍ମୃତି ଦିବସ ପାଳିତ



କେନ୍ଦୁଝର ୦୫/୭ (ନି.ପ୍ର) :କେନ୍ଦୁଝର ଜିଲ୍ଲା ଗୋଁଡ ସାଂସ୍କୃତିକ ସମାଜ ପକ୍ଷରୁ ବୀରାଙ୍ଗନା ମହାରାଣୀ ଦୁର୍ଗାବତୀଙ୍କର ବଳିଦାନ ସ୍ମୃତି ଦିବସ ଶୁକ୍ରବାର ସଦର ବ୍ଲକ ଅନ୍ତର୍ଗତ ଝାଡବେଲଦାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ଜିଲ୍ଲାର ବାଲିପୋଖରୀ ପଲ୍ଲୀ, ପିପିଳିଆ, ତେଲକୋଇ,ଚମ୍ପୁଆ, ଆନନ୍ଦପୁରଠାରେ ଦୁର୍ଗାବତୀଙ୍କର ବଳିଦାନ ଦଚ୍ଛଭାବେ ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ମୋଗଲ ଶାସକଙ୍କ ସହିତ ବୀରାଙ୍ଗନା ମହାରାଣୀ ଦୁର୍ଗାବତୀଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା ସେଥିରେ ରାଣୀ ଦୁର୍ଗାବତୀ ଜଣେ ମହିଳା ହୋଇଥିଲେ ମଧ୍ୟ ମୋଗଲ ସେନାକୁ ୩ ଥର ପରାସ୍ତ କରିଥିଲେ ଏବଂ ଚତୁର୍ଥ ଯୁଦ୍ଧରେ ପରାସ୍ତ ହୋଇ ନିଜର ସମ୍ମାନ ରକ୍ଷା କରିବାକୁ ଯାଇ ନିଜେ ବଳିଦାନ ଦେଇଥିଲେ । ତେଣୁ ଏହି ଦିବସକୁ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ରୂପେ ପାଳନ କରାଯାଉଛି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଗୋଁଡ ସାଂସ୍କୃତିକ ସମାଜର ପୃଷ୍ଠପୋଷକ ପ୍ରଫୁଲ୍ଲ ସିଂ ନିଜ ଅଭିଭାଷଣରେ ୧୪୦୦ ରୁ ୧୮୦୦ ଶତାବ୍ଦୀ ପର୍ଯ୍ୟନ୍ତ ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରେ ଗୋଁଡ ସଂପ୍ରଦାୟର ରାଜତ୍ୱ ବିସ୍ତାର ଲାଭ କରିଥିଲା ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଗୋଁଡ ସମାଜର ଉପଦେଷ୍ଟା ହେମନ୍ତ ସିଂହ ଯୋଗଦେଇ ଲୁପ୍ତପ୍ରାୟ ଗୋଁଡ ସାମରିକ କଳା ସଂସ୍କୃତିକୁ ଉଦ୍‌ଜୀବିତ କରିବା ପାଇଁ ବ୍ୟାପକ ସଚେତନ ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ବାଲିପୋଖରୀ ପଲ୍ଲୀ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ଗୋଁଡ ପାରମ୍ପାରିକ ଖଣ୍ଡା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଂପାଦକ ଚକ୍ରଧର ନାୟକ,ଦିଗାମ୍ବର ଦଣ୍ଡପାଟ,ଗଦାଧର ନାୟକ,ପଲ୍ଲୀ ସଭାପତି ଜୟନ୍ତୀ ସିଂହ,ଦୟାନିଧି ଖଣ୍ଡା,ଗିରିଧାରୀ ନାୟକ,ଶ୍ରୀକାନ୍ତ ନାୟକ,ଜିଲ୍ଲା ସଦସ୍ୟା ଅପୂର୍ବ ନାୟକ,ଦୈତାରୀ ନାୟକ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ନିର୍ମଳ ଚନ୍ଦ୍ର ନାୟକ ସଂଯୋଜନା କରିଥିବାବେଳେ ହିରଣ୍ୟ ନାୟକ,ମହେଶ୍ୱର ନାୟକ,ଯଦୁମଣୀ ନାୟକ,ପରେଶ ଚନ୍ଦ୍ର ନାୟକ,ରମେଶ ନାୟକ,ଗଙ୍ଗାଧର ନାୟକ,ଭାନୁମତୀ ସିଂହ,ମାମି ସିଂହ,ସବିତା ସିଂହ,ସଞ୍ଜନା ସିଂହ,ଗୀତାରାଣୀ ସିଂହ,ରତିରଞ୍ଜନ ନାୟକ,ଧନେଶ୍ୱର ନାୟକ,ନଳିନୀ ସିଂହ,ହେମନ୍ତ ସିଂହ,କେଶବ ଚନ୍ଦ୍ର ନାୟକ,ମଲ୍ଲୀ ନାୟକ,ସୁମିତ୍ରା ନାୟକ,ଭାରତୀ ନାୟକ,ଚକ୍ରଧର ନାୟକ,ଜ୍ୟୋସ୍ନାବାଳା ନାୟକ,ଲୁସି ସିଂହ ଓ ଟ୍ୱିଙ୍କିଲ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସଂପାଦକୀୟ

# ଡାକ୍ତରଙ୍କୁ ମିଳୁ ଭାରତ ରତ୍ନ

ମହାମାରୀ କରୋନା ଗତ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସାରା ବିଶ୍ୱରେ ତାର କାୟା ବିସ୍ତାର କରିଛି। ବୋଧହୁଏ ଦୁଇଦୁଇଟି ବିଶ୍ୱଯୁଦ୍ଧ ପରେ ଏହି ରୋଗରେ ମୃତକଙ୍କ ସଂଖ୍ୟା ଯଥେଷ୍ଟ ଆଗରେ। ଗୋଟିଏ ପଟେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆମେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିଲା ବେଳେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ରୋଗ ଆମପାଇଁ ମୃତ୍ୟୁର କାରଣ ହୋଇଛି। ଭୟଙ୍କର କ୍ୟାନ୍‌ସର ଠାରୁ ଆରମ୍ଭ କରି ଏଡ୍‌ସ ପର୍ଯ୍ୟନ୍ତ, ପ୍ଲେଗ୍ ଠାରୁ ଆରମ୍ଭକରି ସାଇନ୍‌ଫ୍ଲୁ ଏପରିକି ଯକ୍ଷ୍ମା,ହଇଜା ଇତ୍ୟାଦି ମହାମାରୀ ମଣିଷ ସମାଜର ଅସ୍ତିତ୍ୱପ୍ରତି ବିପଦ ସୃଷ୍ଟି କରିଆସୁଛି। ସବୁକୁ ବଳିପଡିଛି କରୋନାର ପ୍ରକୋପ । କରୋନା ସମୟରେ ଏହାର ମୁକାବିଲା କରୁଥିବା ବ୍ୟକ୍ତି ମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦିଆଯାଇଛି। ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଅଗ୍ନିଶମ କର୍ମଚାରୀ, ନିର୍ବାଚିତ ଜନପ୍ରତିନିଧି, ଏଏନ୍‌ଏମ୍, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ମାନେ ହେଉଛନ୍ତି ଜଣେ ଜଣେ କରୋନା ଯୋଦ୍ଧା । ତେବେ ରାଜ୍ୟରେ ବହୁ ସଂଖ୍ୟା ଧରି କୋଭିଡ୍ ଯୋଦ୍ଧା ସଂକ୍ରମିତ ହେବା ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି। ବିଶେଷ କରି ଦିନରାତି ଏକ କରି କରୋନା ଆକ୍ରାନ୍ତଙ୍କ ସେବାରେ କାର୍ଯ୍ୟରତ ଥିବା ଆଗଧାଡିର ଯୋଦ୍ଧା ଡାକ୍ତରମାନେ ସଂକ୍ରମିତ ହେବା ସବୁଠାରୁ ବେଶି ଚିନ୍ତା ଜନକ ହୋଇପଡିଛି । ଆମ ଦେଶରେ କରୋନାର ଦ୍ୱିତୀୟ ଲହର ସମୟରେ ପ୍ରାୟ ୭୭୬ ଜଣ ଡାକ୍ତର ପ୍ରାଣ ହରାଇଥିବା ବେଳେ ଆମ ରାଜ୍ୟରେ ପ୍ରାୟ ୩୪ ଜଣ ଡାକ୍ତର ପ୍ରାଣ ହରାଇଛନ୍ତି। ଏହି ରୋଗ ପ୍ରାଣଘାତି ହୋଇଥିବା ଜାଣି ମଧ୍ୟ ସେମାନେ ନିଜ ଜୀବନକୁ ବାଜି ଲଗେଇଦେଇଛନ୍ତି। ସେମାନେ ହିଁ ଏହି ଲଢେଇର ପ୍ରକୃତ ଯୋଦ୍ଧା। କରୋନା ମୁକାବିଲାର ଦାୟିତ୍ୱରେ ରହିଥିବା ଏହି ଦ୍ୱିତୀୟ ଈଶ୍ୱର ମାନେ ଯଦି ସଂକ୍ରମଣର ଶିକାର ହେବେ ତେବେ ସାଧାରଣ ଲୋକଙ୍କୁ କିଏ ଏଥିରୁ ରକ୍ଷା କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରମୁଖ ଯୋଦ୍ଧାଙ୍କ ସଂକ୍ରମଣ ନେଇ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନ ଆମ ପାଇଁ ସବୁଠାରୁ ମୂଲ୍ୟବାନ। ତେଣୁ ସେମାନଙ୍କୁ ସୁରକ୍ଷାଦେବା ସାହାଯ୍ୟ ଓ ସହଯୋଗ କରିବା ଆମର ପ୍ରଧାନ କର୍ତ୍ତବ୍ୟ। ଏସବୁ ସତ୍ତ୍ୱେ କେତେକ ସ୍ଥାନରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁର୍ବ୍ୟବହାର କରିବା, ତାଙ୍କୁ ସହଯୋଗ ନକରିବା ଏବଂ ତାଙ୍କ ପରାମର୍ଶ ନମାନିବା ଘଟଣା ମାନ ଦୃଷ୍ଟିଗୋଚର ହେଉଛି। ଆମକୁ ମନେ ରଖିବାକୁ ହେବ ଯେ, ଡାକ୍ତରଙ୍କ ପରାମର୍ଶ ନମାନିବା ଅର୍ଥ ଆମେ ନିଜ ଜୀବନ ତଥା ନିଜ ପରିବାର ପ୍ରତି ବିପଦକୁ ଡାକି ଆଣିବା। ବର୍ତ୍ତମାନ କରୋନା ମହାମାରୀ ସମୟରେ ସେମାନଙ୍କର ଅବଦାନ ବେଶ୍ ବାରି ହୋଇପଡିଛି । ସାଧାରଣ ଲୋକ ନିଜକୁ ସମସ୍ତଙ୍କ ଠାରୁ ଦୁରରେ ରଖୁଥିବା ବେଳେ ଡାକ୍ତର କରୋନା ରୋଗୀଙ୍କ ସହ ମିଶି ସେମାନଙ୍କୁ ସୁସ୍ଥ କରିବାର ଉଦ୍ୟମ କରୁଛନ୍ତି। ତେଣୁ ଖାଲି ବର୍ତ୍ତମାନ ସମୟରେ ନୁହେଁ ସବୁ ସମୟରେ ଡାକ୍ତରମାନେ ପ୍ରକୃତ ହିରୋ ବୋଲି ବିଭିନ୍ନ ପତ୍ରିକାରେ ଉଲ୍ଲେଖ କରାଯାଉଛି। ସାମଗ୍ରିକ ଭାବେ ଆମ ସ୍ୱାସ୍ଥ୍ୟ ରକ୍ଷାରେ ସେମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଏବେ ସମୟ ଆସଛି ଡାକ୍ତରଙ୍କୁ ଯଥେଷ୍ଟ ସମ୍ମାନ ଦେବାର। ଯାହାକି ତାଙ୍କର ମନୋବଳକୁ ବୃଦ୍ଧି କରିବାରେ ସକ୍ଷମ ହେବ। ଏହି ପରିପ୍ରେକ୍ଷୀରେ କିଛିଦିନ ତଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ପ୍ରଧାନମନ୍ତ୍ରୀଙ୍କୁ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ଦେବାପାଇଁ ପତ୍ର ଲେଖିଛନ୍ତି। ବାସ୍ତବତା ଦୃଷ୍ଟିରୁ ବିଚାର କଲେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସମ୍ପର୍କିତ ଗବେଷଣାରତ ବିଶେଷଜ୍ଞମାନଙ୍କ ଯୋଗୁଁ କରୋନାକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇ ପାରିଛି। ଖାଲି ସେତିକି ନୁହେଁ, କରୋନା ଟୀକା ପ୍ରସ୍ତୁତ ହେବା ଏକ ଉଲ୍ଲେଖନୀୟ ସଫଳତା। ଫଳରେ ଲକ୍ଷ ଲକ୍ଷ ଜୀବନ ରକ୍ଷା କରିବା କ୍ଷେତ୍ରରେ ଆଜି ଏହି ଟିକା ସୁରକ୍ଷା କବଚ ପାଲଟିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ଏହି ସର୍ବୋଚ ସମ୍ମାନ ସରକାରୀ କର୍ମଚାରୀମାନଙ୍କୁ ଦିଆଯାଇନାହିଁ। ଡାକ୍ତରମାନଙ୍କୁ ଆହୁରି ଅଧିକ ଉତ୍ସାହିତ କରିବା ପାଇ କେଜ୍ରିଓ୍ୱାଲଙ୍କ ପ୍ରସ୍ତାବ ସ୍ୱାଗତ ଯୋଗ୍ୟ ଏବଂ ଏହା ଉପରେ ବିଚାର ବିମର୍ଶ ହେବାର ଆବଶ୍ୟକତା ରହିଛି।

# ବିଶ୍ୱରେ ଖାଦ୍ୟ ସଙ୍କଟ

**ସ୍ୱ ଡକ୍ଟର ଲକ୍ଷ୍ମଣ ସାହୁ**

ନିକଟରେ ମିଳିତ ଜାତିସଂଘ ଦେଇ ଥିବା ତଥ୍ୟ ଅନୁଯାୟୀ ବିଶ୍ୱରେ ଖାଦ୍ୟ ସଙ୍କଟ ଦ୍ରୁତ ଗତିରେ ବଢୁଛି । ଯଦି ଏହି ପରିସ୍ଥିତି ଜାରି ରହିବ, ୨୦୫୦ ସୁଦ୍ଧା, ସମଗ୍ର ବିଶ୍ୱରେ ଖାଦ୍ୟ ପାଇଁ ସଂଘର୍ଷମୟ ପରିସ୍ଥିତି ସୃଷ୍ଟି ହେବ । ଯଦି ରୁଟିକୁ ମନୁଷ୍ୟର ଏକ ମୌଳିକ ଆବଶ୍ୟକତା ଭାବରେ ବିବେଚ୍ନା କରାଯାଏ, ତେବେ ସେହି ଆବଶ୍ୟକତା ପୂରଣ କରିବା ପାଇଁ ଖାଦ୍ୟ ଏକ ନିତ୍ୟ ଅତ୍ୟାବଶ୍ୟକ ଉପାଦାନ । ଏଭଳି ପରିସ୍ଥିତିରେ ମାନବ ସମାଜକୁ ବଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଶସ୍ୟର ଉପଲବ୍ଧତା ନିଶ୍ଚିତ କରିବା ଆବଶ୍ୟକ ହୋଇଯାଏ । ସମ୍ପ୍ରତି ମିଳିତ ଜାତିସଂଘ ଚ଼ିନ୍ତା ପ୍ରକଟ କରିଛି ଯେ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱର ଖାଦ୍ୟ ସତୁରି ଦିନ ବାକି ଅଛି । ଅବଶ୍ୟ, ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରିସ୍ଥିତିକୁ ଭୟଙ୍କର କରିଦେଇଛି । ରୁଷ ଓ ୟୁକ୍ରେନ ମିଳିତ ଭାବେ ବିଶ୍ୱର ଏକ ଚ଼ତୁର୍ଥାଂଶ ଶସ୍ୟ ଯୋଗାନ୍ତି । କିନ୍ତୁ ରୁଷର ଆକ୍ରମଣ ୟୁକ୍ରେନର ସିଷ୍ଟମକୁ ନଷ୍ଟ କରିଦେଇଛି । ବିଶ୍ୱରେ ୟୁକ୍ରେନ ହେଉଛି ଖାଦ୍ୟ ଉତ୍ପାଦନ ପାଇଁ ଜଣାଶୁଣା ।

କହିବାକୁ ଗଲେ ଏହାକୁ ୟୁରୋପର ରୁଟି ଟୋକେଇ କୁହାଯାଏ । ଗତ ଋତୁରେ ରୁଷରେ ଗହମ ଭଲ ଭାବରେ ବୃଦ୍ଧି ପାଇଥିବା ବେଳେ ପ୍ରାକୃତିକ କ୍ଷତି ହେତୁ ଆମେରିକା ଏବଂ ୟୁରୋପ ଦେଶରେ ଖାଦ୍ୟ ଶସ୍ୟ ହ୍ରାସ ପାଇଛି । ଏହି ପରିସ୍ଥିତି ରୁଷ ଉପରେ ବିଶ୍ୱର ନିର୍ଭରଶୀଳତାକୁ ବଢାଇ ଦେଇଛି । ଅନ୍ୟପକ୍ଷରେ, ଭାରତ ଦ୍ୱାରା ଗହମ ରପ୍ତାନି ଉପରେ ନିଷେଧାଦେଶ ହେତୁ ସେହି ପରିସ୍ଥିତିରେ ଭାରତରୁ ଅତିରିକ୍ତ ସହାୟତା ଆଶା କରୁଥିବା ସେହି ଦେଶର ଚେହେରାରେ ନିରାଶ ଭରିଦେଇଛି । ତେବେ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଭାରତର ନିଜସ୍ୱ କାରଣ ରହିଛି । ପଡୋଶୀ ଦେଶ ଶ୍ରୀଲଙ୍କାରେ ସୃଷ୍ଟି ହେଉଥିବା ଖାଦ୍ୟ ସଙ୍କଟ ଏବଂ ବିଶ୍ୱରେ ଖାଦ୍ୟଶସ୍ୟର ଅଭାବକୁ ଦୃଷ୍ଟିରେ ରଖି ଯେକୌଣସି ଦେଶର ଗଣତାନ୍ତ୍ରିକ ସରକାରର ପ୍ରଥମ କର୍ତ୍ତବ୍ୟ ହେଉଛି ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବା । ଭାରତ ସରକାର ଏହାକୁ ଅତ୍ୟନ୍ତ ଆବଶ୍ୟକ ବୋଲି ଅନୁଭବ କରିଛନ୍ତି । ଦେଶର ଖାଦ୍ୟ ଶସ୍ୟ ଯୋଗାଇବା ପାଇଁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ, ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ଏକମାତ୍ର ବିକଳ୍ପ ଥିଲା । ଖାଦ୍ୟ ସଙ୍କଟ କିପରି କୌଣସି ଦେଶକୁ ଅସୁବିଧାରେ ପକାଇପାରେ । ଶ୍ରୀଲଙ୍କାର ଉଦାହରଣ ଏହାର ପ୍ରମାଣ, ଯେଉଁଠାରେ ଲୋକମାନେ ଖାଦ୍ୟ ଅଭାବରେ ପୀଡିତ । ଏପରିକି ଖାଦ୍ୟ ଅଭାବ ଯୋଗୁଁ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଥାଏ ।

ଯେତେବେଳେ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶ ଖାଦ୍ୟ ଅଭାବରେ ବିକଳରେ ଜୀବନ ବିତାଇଥାନ୍ତି, ସ୍ୱାଭାବିକ ଭାବରେ ଅରାଜକତା ଦେଖାଯାଏ । ତେବେ ଏପରି ପରିସ୍ଥିତିରେ ଖାଦ୍ୟର ଅପଚ଼ୟ ଚ଼ିନ୍ତାର ବିଷୟ ପାଲଟିଯାଏ । ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ, ବିଶ୍ୱରେ ଉତ୍ପାଦିତ ଖାଦ୍ୟର ଏକ ତୃତୀୟାଂଶ ନଷ୍ଟ କରାଯାଉଛି । ଏହି ଅପଚ଼ୟ ପ୍ଲେଟରେ ଛାଡି ଦିଆଯାଇଥିବା ଅବଶିଷ୍ଟାଂଶ କାରଣରୁ, କିମ୍ବା ଅବଶିଷ୍ଟ ଖାଦ୍ୟ ଫିଙ୍ଗିବା କିମ୍ବା ନଷ୍ଟ ହେବା କାରଣରୁ ହୋଇଥାଏ । ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ଦିନକୁ ଯେତିକି ଖାଦ୍ୟ ନଷ୍ଟ ହୁଏ, ଏହା ଦୁଇ ବିଲିୟନ ଲୋକଙ୍କ ପେଟକୁ ଭରିପାରେ । ଖାଦ୍ୟ କିମ୍ବା ଖାଦ୍ୟର ବର୍ଜ୍ୟବସ୍ତୁ ଭାରତୀୟ ସମାଜରେ ଶୁଭ ବୋଲି ବିବେଚ୍ନା କରାଯାଏ ନାହିଁ । କିନ୍ତୁ ଅଧ୍ୟୟନରୁ ଏହା ଜଣାପଡିଛି ଯେ ଭାରତରେ ପ୍ରତିବର୍ଷ ଏତେ ପରିମାଣର ଶସ୍ୟ, ପନିପରିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଏ କେହି ଥରେ ମାତ୍ର ଚ଼ିନ୍ତା କରୁନାହାନ୍ତି । ସେହି ଖାଦ୍ୟ ଯେ ବିହାର ଭଳି ରାଜ୍ୟର ଜନସଂଖ୍ୟାର ସମଗ୍ର ବର୍ଷର ଆବଶ୍ୟକତାକୁ ପୂରଣ କରିପାରିବ ।

ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ଫସଲ ଅନୁସନ୍ଧାନ ୟୁନିଟ୍ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଅମଳ ଇଞ୍ଜିନିୟରିଂ (ଝଙରଇଞ) ର ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିବର୍ଷ ପ୍ରାୟ ଛଅ ଲକ୍ଷ ଟନ୍ ଖାଦ୍ୟ ସାମଗ୍ରୀ ନଷ୍ଟ ହୁଏ । ଏହି ନଷ୍ଟ ହୋଇଥିବା ଖାଦ୍ୟର ମୂଲ୍ୟ ହେଉଛି ଏକ ହଜାର କୋଟି ଟଙ୍କା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯେତିକି ଖାଦ୍ୟ ନଷ୍ଟ ହେଉଛି, ବ୍ରିଟେନର ମୋଟ ଉତ୍ପାଦନ କ୍ଷମତା ମଧ୍ୟ ସେହି ପରିମାଣରେ ଅଟେ । ଏହାର କାରଣ ହେଉଛି ଚ଼ୀନ୍ ପରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଖାଦ୍ୟ ଉତ୍ପାଦନକାରୀ ଦେଶ ହୋଇଥିଲେ ମଧ୍ୟ ଭାରତରେ ଖାଦ୍ୟ ବଣ୍ଟନ ପରିସ୍ଥିତି ବେଳେବେଳେ ଅତ୍ୟନ୍ତ ସୁଖଦ ମନେହୁଏ ନାହିଁ । ଖାଦ୍ୟ ସାମଗ୍ରୀ ଉପରେ ବାମପଟ ବ୍ୟତୀତ, ଫଳ, ପନିପରିବା ଏବଂ ଶସ୍ୟର ଅପଚ଼ୟ ହେବାର କାରଣ ମଧ୍ୟ ସେଗୁଡିକ ସଂରକ୍ଷଣର ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ବ୍ୟବସ୍ଥାର ଅଭାବ । ପ୍ରତିବର୍ଷ ଶୀତଳ ଭଣ୍ଡାରର ଅଭାବ ହେତୁ ୨୨% ଫଳ ଏବଂ ପନିପରିବା ଫିଙ୍ଗି ଦିଆଯାଏ । ଗୋଦାମରେ ଭର୍ତ୍ତି ହୋଇଥିବା ଗହମର ଚ଼ିତ୍ର ପ୍ରାୟତଃ ଖବରକାଗଜରେ ପ୍ରକାଶିତ ହୁଏ । ନିଶ୍ଚିତ ଭାବରେ ରୁଷ-ୟୁକ୍ରେନ ଯୁଦ୍ଧ ପାଶ୍ଚାତ୍ୟ ଦେଶରେ ଖାଦ୍ୟ ଯୋଗାଣକୁ ଦୁର୍ବଳ କରିଦେଇଛି । କିନ୍ତୁ ସତ କଥା ହେଉଛି ଏହି ଯୁଦ୍ଧ କେବଳ ଭୟଙ୍କର ହୋଇଛି, ଯାହା ଆଗାମୀ ବର୍ଷ ମାନଙ୍କରେ ବିଶ୍ୱ ଏହାର ପ୍ରତିଫଳ ସାମ୍ନା କରିପାରେ ।

ବାସ୍ତବରେ, ବିଶ୍ୱରେ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ହେତୁ ଆବାସିକ ଘର ତଥା ଅନ୍ୟାନ୍ୟ ନିର୍ମାଣର ଆବଶ୍ୟକତା ବଢୁଛି । ସାଧାରଣତଃ ପ୍ରତ୍ୟେକ ବିକାଶ ଯୋଜନା ସଂପୃକ୍ତ ଅଞ୍ଚଳରେ କୃଷି ଜମିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶକୁ ଥ୍ରଟ କରିଥାଏ । ନୂତନ ରାଜପଥ ନିର୍ମାଣ କିମ୍ବା ସହର ବାହାରେ ଏକ ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ଯୋଜନା ହେଉ କିମ୍ବା କୌଣସି ନୂତନ ଗୃହ ଯୋଜନାର ଫଳାଫଳ, ଭୟଙ୍କର ରୂପ ନେଉଛି । ଏହା ଘଟୁଛି ଯେ ଖାଉଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଥିବାବେଳେ ଚ଼ାଷଜମିର କ୍ଷେତ୍ର କ୍ରମାଗତ ଭାବେ ହ୍ରାସ ପାଉଛି । ଏକ ଆନୁମାନିକ ଆକଳନ ଅନୁଯାୟୀ, ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟା ଏକ ହଜାର କୋଟିରୁ ଅଧିକ ହେବା ଅନୁମେୟ । ତାହା ହେଉଛି, ବର୍ଷର ଆକଳନ ତୁଳନାରେ, ତା'ପରେ ୨୦୫୦ ବର୍ଷରେ ସତୁରି ପ୍ରତିଶତ ଅଧିକ ଖାଦ୍ୟ ଆବଶ୍ୟକ ହେବ । ଯେତେବେଳେ କି ପ୍ରତିବର୍ଷ ସାତ ଶହ ପଚ଼ାଶ ଲକ୍ଷ ଟନ୍ ଉର୍ବର ମାଟି ପୃଥିବୀରୁ ହଜିଯାଉଛି ।

ଏସବୁ ଦୃଷ୍ଟିରୁ ବିଚ଼ାର କଲେ ଯଦି ଅର୍ଥପୂର୍ଣ୍ଣ ବିକଳ୍ପଗୁଡିକ ଶୀଘ୍ର ଆବିଷ୍କୃତ ନହୁଏ, ତେବେ ସମଗ୍ର ଜନସଂଖ୍ୟା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଶସ୍ୟ ଉତ୍ପାଦନ କରିବାର ଏକ ବଡ଼ ସଙ୍କଟ ଦେଖାଦେବ । ଯେତେବେଳେ ଜନସଂଖ୍ୟାର ଏକ ବଡ଼ ଅଂଶ ଅଳିଆ ଗଦାରୁ ଖାଦ୍ୟ ଖୋଜିବାକୁ ବାଧ ହୁଏ, ସେତେବେଳେ ଖାଦ୍ୟର ଏକ ଶସ୍ୟ ମଧ ନଷ୍ଟ ହେବା ସମଗ୍ର ମାନବିକତା ବିରୁଦ୍ଧରେ ଅପରାଧ ବୋଲି ମନେହୁଏ । କିନ୍ତୁ ଜାଣିଶୁଣି କିମ୍ବା ଅଜାଣତରେ ଆମେ ସମସ୍ତେ ସେହି ଅପରାଧ କରୁଛେ । ଅଧ୍ୟୟନରୁ ଜଣାପଡିଛି ଯେ ଦୁନିଆର ସବୁଠାରୁ ଅପଚ଼ୟ ଖାଦ୍ୟ ରେଷ୍ଟୁରାଣ୍ଟ କିମ୍ବା ହୋଟେଲରେ ନୁହେଁ, ବରଂ ଘରେ ତିଆରି ହୋଇଥାଏ । ଦୁନିଆରେ ନଷ୍ଟ ହୋଇଥିବା ମୋଟ ଖାଦ୍ୟର ଷାଠିଏ ପ୍ରତିଶତ ଘରୋଇ ଖାଦ୍ୟ ଅଟେ । କେବଳ ଏତିକି ନୁହେଁ, ପ୍ରତିବର୍ଷ ଛଅ ଲକ୍ଷ ଗ୍ଲାସ କ୍ଷୀର ନଷ୍ଟ ହୁଏ । ଏହା ଚ଼ିନ୍ତାର ବିଷୟ କାରଣ ଆସନ୍ତା ଚ଼ାରି ଦଶନ୍ଧି ମଧ୍ୟରେ ବିଶ୍ୱରେ ୪୦୦ ନିୟୁତ ଲୋକ ଅନାହାରର ସମ୍ମୁଖୀନ ହେବେ । ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ କହିଛି ଯେ ବିଶ୍ୱରେ ଖାଦ୍ୟ ଏବଂ ଅନ୍ୟାନ୍ୟ ଖାଦ୍ୟ ଶସ୍ୟର କ୍ରମାଗତ ଅଭାବ ରହିଛି । ଗୋଟିଏ, ଜନସଂଖ୍ୟା ଚ଼ାପ ହେତୁ ଚ଼ାଷଜମି ହ୍ରାସ ପାଉଛି, କେବଳ ଚ଼ାଷ ଏବଂ ରାସାୟନିକ ସାରର ପରିବର୍ତ୍ତିତ ପଦ୍ଧତି ନୁହେଁ, ଜଳବାୟୁ ସଙ୍କଟ ମଧ କୃଷି ଜମିର ଅମଳ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଆରମ୍ଭ କରିଛି ।

ସେଥିପାଇଁ ବର୍ତ୍ତମାନ ବୈଜ୍ଞାନିକମାନେ ଚେତାବନୀ ଦେବା ଆରମ୍ଭ କରିଛନ୍ତି । ଯଦି ଜଳ, ଜୀବନ ଏବଂ କୃଷି ସମ୍ଭାବନା ଠିକ୍ ସମୟରେ ଏଠାରେ ଆବିଷ୍କୃତ ନହୁଏ, ତେବେ ଆଗାମୀ ସମୟ ଅନେକ ଅସୁବିଧାର ସମ୍ମୁଖୀନ ହେବ । କାରଣ ଜନସଂଖ୍ୟା ବୃଦ୍ଧି ପାଇବ । ଫଳତଃ ଅନ୍ୟମାନଙ୍କ ପାଇଁ ଖାଦ୍ୟ ଚ଼ାହିଦା ବଢିବ । ପୃଥିବୀରେ ଲୋକମାନଙ୍କ ପାଇଁ ଯଦି ଚ଼ାହିଦା ଅନୁଯାୟୀ ଖାଦ୍ୟ ଉତ୍ପାଦନ କରାଯାଏ ନାହିଁ, ତେବେ ଖାଦ୍ୟ ଅଭାବ ହେତୁ ଦ୍ୱନ୍ଦ୍ୱ ବୃଦ୍ଧି ପାଇବ ଏବଂ ଏହି ଦ୍ୱନ୍ଦ୍ୱ ସବୁ ସ୍ଥାନରେ ଜୀବନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହେବା ଅସମ୍ଭବ ହୋଇ ପଡ଼ିବ ଓ ଅଶାନ୍ତି ଘଟିବ । ଏପରି ପରିସ୍ଥିତିରେ, ଖାଦ୍ୟର ପ୍ରତ୍ୟେକ ଶସ୍ୟର ମହତ୍ତ୍ୱ ବୁଝିବା ନିହାତି ଅପରିହାର୍ଯ୍ୟ ମନେହୁଏ ...!!!

# ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ

ସଂପ୍ରତି ଭୟାବହ କରୋନାକୁ ନେଇ ସାଧାରଣରେ ଉଦ୍‌ବେଗ ସୃଷ୍ଟି ହେଉଥିବାବେଳେ ଶାକାହାର ଖାଦ୍ୟ, ସାତ୍ୱିକ ଜୀବନ ବର୍ତମାନ ସମୟ ପାଇଁ ଏକ ବଡ଼ ଅନୁଶୀଳନ ହୋଇଛି। ଏକ ନୀରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ କରିବା ପାଇଁ ଖାଦ୍ୟର ଉପାଦେୟତା ରହିଛି। ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ । ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ନ ହୋଇ ଉତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି। ସରଳ ଜୀବନ ଯାତ୍ରାର ପ୍ରଣାଳୀ ଅବଲମ୍ବନ ସହଜ ସାବଲୀଳ ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ । ଖାଦ୍ୟପଦାର୍ଥର ସ୍ୱାଦୁ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଜିହ୍ୱା ମନକୁ ପ୍ରଭାବିତ କରିଥାଏ। ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ଯୋଗୁ ଶରୀର ରୋଗାକ୍ରାନ୍ତ ହୋଇଥାଏ। ଅଧିକ ଚର୍ବି ଜାତୀୟ ଖାଦ୍ୟ, ଆମିଷ, ତେଲ, ଘିଅ, ଶ୍ୱେତସାର ଓ ମାଦକ ଦ୍ରବ୍ୟ ଖାଇବା ଦ୍ୱାରା ଶରୀରର ସ୍ଥୁଳତା ବୃଦ୍ଧି ପାଏ। ଅଧିକ ମସଲା, ରାଗ, ଚା, କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ। ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ। ଖାଦ୍ୟର ପରିମାଣ ଓ ଗୁଣାତ୍ମକମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ । ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧ୍ୟରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ। ଯେପରି ଖାଦ୍ୟ ସେପରି ମନ। ଯେପରି ମନ ସେପରି ଚିନ୍ତା, ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଂଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ ବା ପ୍ରଫୁଲ୍ଲ ରଖେ। ଖାଦ୍ୟର ପ୍ରକାରଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯଜମର ହ୍ରାସ ବୃଦ୍ଧିକୁ ମଧ ନିୟନ୍ତ୍ରିତ କରେ। ଜଣେ ମନିଷୀ ଖାଦ୍ୟ ଗ୍ରହଣକୁ ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ ସହିତ ତୁଳନା କରି କହିଛନ୍ତି ଜ୍ୱରରେ ଆକ୍ରାନ୍ତ କୁକୁର ଖାଦ୍ୟ ଖାଏ ନାହିଁ। ମାଲିକ ତା ପାଖରେ ଯେତେ ଚକ୍ଷୁ ରୋଚକ ସୁସ୍ୱାଦୁ ଖାଦ୍ୟ ରଖିଲେ ମଧ ସେ ଖାଦ୍ୟ ନଖାଇ ଶୋଇ ରହେ। ମନୁଷ୍ୟ ଜ୍ୱରରେ ଆକ୍ରାନ୍ତ ହେଲେ ଔଷଧ ବ୍ୟବହାର କରି ସାମୟିକ ଭାବେ ସୁସ୍ଥ ହୋଇ ମନଇଛା ଖାଦ୍ୟ ଗ୍ରହଣ ଦ୍ୱାରା ଅଧିକ ଅସୁସ୍ଥ ହୋଇଯାଏ । ପକ୍ଷୀମାନେ ମଧ ରୋଗଗ୍ରସ୍ତ ହେଲେ ଖାଦ୍ୟ ବର୍ଜନ କରନ୍ତି। ପଶୁପକ୍ଷୀମାନେ ରୋଗଗ୍ରସ୍ତ ହେଲେ କେବଳ ନିଜ ନିଜର ଖାଦ୍ୟକୁ ନିୟନ୍ତ୍ରଣ କରିବା ଦ୍ୱାରା ଆରୋଗ୍ୟ ହୋଇଥାଆନ୍ତି। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଆଁ ମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କ ବାଣୀ ହେଲା ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ । ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ୱିକ, ରାଜସିକ ଓ ତାମସିକ ଏହି ତିନିଭାଗରେ ବିଭକ୍ତ କରାଯାଇଛି । ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି ସାତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନକରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟି କରେ ଓ ତାମସିକ ଖାଦ୍ୟ ମନରେ ଉତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟି କରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ । ମଦ ଓ ମାଂସର ମନୁଷ୍ୟ ଶରୀର ଉପରେ ପଡୁଥିବା କୁପ୍ରଭାବ ଆମେମାନେ ଜାଣୁ। ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତି ଜାତ ହୁଏ। ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା' ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟି ହୁଏ ତାହା ମାଂସଭକ୍ଷଣକାରୀ ମନ ଉପରେ ମଧ ପ୍ରଭାବ ପକାଇପାରେ। ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ରହିଛି। ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ। ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ। ତାହାଶୁଣି ଦ୍ରୌପଦୀ ତାଛଲ୍ୟକରି ହସିବାକୁ ଲାଗିଲେ।

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

# ବିଧାନସଭାରେ ହୋହଲ୍ଲା: ରାଜ୍ୟ ର ପ୍ରଗତି କିପରି ସମ୍ଭବ !

ଆମ ରାଜ୍ୟ ବିଧାନସଭାରେ କେତେକ ଜରୁରୀ ପ୍ରସଂଗ ଉପରେ ପଚ଼ରାଯାଉଥିବା ପ୍ରଶ୍ନର ଉତ୍ତର ଶାସକଦଳ ପକ୍ଷରୁ କାଳେ ଏଡାଇଯାଉଥିବା ଏବେ ଚ଼ର୍ଚ୍ଚା ଚ଼ାଲିଛି। କାରଣ ବିଭିନ୍ନ ଗଣ ମାଧ୍ୟମ ଜରିଆରେ ଏହି ଚ଼ର୍ଚ୍ଚା ବିଧାନ ସଭା ବାହାରକୁ ଆସି ପ୍ରସାରିତ ହେବାପରେ ବୁଦ୍ଧିଜୀବୀ ଓ ଜାଗରୁକ ନାଗରିକଙ୍କ ପାଇଁ ଏକ ପ୍ରକାର ଅସ୍ୱସ୍ତିବୋଧତାର ଅନୁଭବ ଆଣିବାରେ ଲାଗିଛି। ଗଣତନ୍ତ୍ରର ଅନ୍ୟତମ ମନ୍ଦିରରେ ଗଣ ପ୍ରତିନିଧି ମାନଙ୍କର ଦଳମତ ନିର୍ବିଶେଷରେ ସଂପୃକ୍ତ ରାଜ୍ୟର କଲ୍ୟାଣ ପ୍ରସଂଗ ଉପରେ ପାରସ୍ପରିକ ମତ ବିନିମୟ ବେଳେ ସଂପୂର୍ଣ୍ଣ ସହଯୋଗିତା ଓ ସହଭାଗିତା ନିତାନ୍ତ ଜରୁରୀ। ସଂଖ୍ୟାଗରିଷ୍ଠ ସଭ୍ୟଙ୍କର ହଲ୍ଲାବୋଲ ଓ ବେଖାତିରପଣ ପ୍ରଭାବରେ ସଂଖ୍ୟା ଲଘୁ ସଭ୍ୟଙ୍କ ସ୍ୱର ଚ଼ାପିଦେବା ରାଜ୍ୟ କଲ୍ୟାଣକାରୀ ନୁହେଁ। ଶାସକ ଦଳ ବିରୋଧୀ ଦଳଙ୍କ ପକ୍ଷରୁ ଉତଥାପିତ ବାସ୍ତବ ପ୍ରଶ୍ନକୁ ଖୁବ ସଂଯମତାର ସହ ଗ୍ରହଣ କରିବାରେ କାର୍ପଣ୍ୟ କାହିଁକି ? ଯଦି ଗୋଟିଏ ଜନହିତୈଷୀ ପ୍ରସ୍ତାବ ଅବା ବିରୋଧାଭାଷ ସତ୍ୟ ହୋଇଥିଲେ, ତାହା ରାଜ୍ୟ ହିତାକାଂକ୍ଷୀ ବୋଲି ବିଚ଼ାରି ଗୃହରେ ଆଲୋଚ଼ନା ପାଇଁ ନିର୍ବିରୋଧ ଗ୍ରହଣକରି ଆଲୋଚ଼ନାକୁ ନିହାତି ଗଠନମୂଳକ କରିବା ବିଧେୟ। ଦଳମତ ନିର୍ବିଶେଷରେ ବିଧାନ ସଭାର ପ୍ରତିଟି ସଭ୍ୟ ପାରସ୍ପରିକ ସୌହାର୍ଦ୍ଦ୍ୟମୂଳକ ପରିବେଶରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରସଂଗକୁ ପାରସ୍ପରିକ ଆଲୋଚ଼ନା ମାଧ୍ୟମରେ ଆଗକୁ ଆଗେଇ ନେଇ ଏହା ଉପରେ ଅବିଳମ୍ବେ ଏକ ନିଷ୍କର୍ଷ ବାହାର କରିବା ପରମ କର୍ତ୍ତବ୍ୟ ବୋଲି ବିଚ଼ାର କରିବା ଉଚ଼ିତ୍। ଗୃହ ଚ଼ାଲିଥିବା ସମୟରେ ମାନ୍ୟବର ବିଧାୟକଙ୍କ ଦ୍ୱାରା ଦଳୀୟ ମାନସିକତାରେ ବିଭେଦତା ଆଣି ଅଶୋଭନୀୟ ଆରୋପ ଓ ପ୍ରତ୍ୟାରୋପ ଚ଼ଳାଇ ଗୃହରେ ଚ଼ାଲିଥିବା ଅଧିବେସନର ଧାର୍ଯ୍ୟ ଦିବସକୁ ନିଷ୍ଫଳ କରିବା ଓ କରାଇବାରେ କୌଣସି ଯଶ ଓ ସମୃଦ୍ଧି ନଥାଏ।

ଉଲ୍ଲେଖଯୋଗ୍ୟ ଗତ ଜୁଲାଇ ୨ ତାରିଖ ରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେସନର ଧାର୍ଯ୍ୟ ୨୪ ଟି କାର୍ଯ୍ୟ ଦିବସର ପ୍ରଥମ ଭାଗରୁ ବିରୋଧୀ ଦଳ ସଦସ୍ୟଙ୍କ ପକ୍ଷରୁ ଆଗତ ବିଭିନ୍ନ ପ୍ରସଂଗ ଯଥା ବିଜୁଳି ଦରର ଅହେତୁକ ବୃଦ୍ଧି, ଶିକ୍ଷାନୁଷ୍ଠାନ ମାନଙ୍କରେ ର୍ୟାଗିଂ ଓ ବିଜେବି କଲେଜରେ ରାଗିଂକୁ ନେଇ ଛାତ୍ରୀ ରୁଚ଼ିକାଙ୍କ



ମୃତ୍ୟୁ,ଓଡିଶାରେ ଚ଼ାଷୀ ଅବହେଳା ପ୍ରସଂଗକୁ ନେଇ ବିରୋଧୀ ପକ୍ଷ ବିଧାନ ସଭାରେ ତୁମୁଳ ହୋହଲ୍ଲା କରିବା ବେଳେ ଶାସକ ଦଳ ବିଧାନସଭାରେ ଏହାର ଆଲୋଚ଼ନାକୁ ସମୟୋଚ଼ିତ ଗଠନମୂଳକ କରିବାରେ ସୋହାର୍ଦ୍ଦ୍ୟ ପରିବେଶ ଆଣିପାରୁନାହାଁନ୍ତି। ଏଭଳି ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ମାନ୍ୟବର ଅର୍ଥମନ୍ତ୍ରୀ ଶରତ ପୂଜାରୀ ୨୦୨୨- ୨୩ ବର୍ଷ ପାଇଁ ୨ ଲକ୍ଷ କୋଟିର ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ଉପସ୍ଥାପିତ ବିଭିନ୍ନ ଯୋଜନାର ରୁପାୟନ ପାଇଁ ଆବଶ୍ୟକ ଅର୍ଥର ଭରଣା ପାଇଁ ସରକାର ପୁଣି ବିଭିନ୍ନ ସୂତ୍ରରୁ ଋଣ ଆଣିବେ। ବେପରୁଆ ଭାବେ ଗୋଟିଏ ପଟରେ ସରକାର କୋଟି କୋଟି ଅର୍ଥ ଧାର କରିଚ଼ାଲିଥିବା ବେଳେ ଅନ୍ୟପଟରେ ବିଭିନ୍ନ ଯୋଜନାକୁ ସୁହାଇବା ଭଳି ଋଣ ଛାଡ ଓ ଲକ୍ଷ ଲକ୍ଷ ଅର୍ଥ ସବସିଡି ଆକାରରେ ଅର୍ଥ ଛାଡ ଘୋଷଣା କାର୍ଯ୍ୟକାରୀ କରାଇଚ଼ାଲିଛନ୍ତି। ରାଜ୍ୟ ଏବେ ଋଣ ଭାରରେ ଭାରାକ୍ରାନ୍ତ। ଏହାର ଫଳ ସ୍ୱରୂପ ପ୍ରଭାବରେ ରାଜ୍ୟର ପ୍ରତି ରାଜ୍ୟବାସୀଙ୍କ ମୁଣ୍ଡ ଉପରେ ପ୍ରତି ମୁଣ୍ଡ ପିଛା ଋଣ ବୋଝ ପ୍ରାୟ ୨୪ ହଜାର ୯ ଶହ ଟଙ୍କା ଅଦ୍ୟପି ଚ଼ାପ ରହିଅଛି। ଏଭଳି ପରିସ୍ଥିତିରେ ରାଜ୍ୟରେ ମାଳ ମାଳ ମାଗଣା ଯୋଜନା ପ୍ରଣୟନ ଚ଼ାଲିଛି। ଏହାର ସୁଫଳ ଅନେକ ଯୋଗ୍ୟ ହିତାଧିକାରୀଙ୍କ ଭାଗ୍ୟରେ ଜୁଟୁ ନଥିବା ବେଳେ ଧୃତ ଅଯୋଗ୍ୟ ହିତାଧିକାରୀ ଏହି ମାହାଳିଆ ଯୋଜନାକୁ ନାନା ଫନ୍ଦି ଫିକର କରି ଲୁଟି ଚ଼ାଲିଛନ୍ତି। ରାଜନୈତିକ ସ୍ତରରେ ମୁହଁ ଦେଖା କାରବାର ପାଇଁ ଏମାନଙ୍କ ଚ଼ିହ୍ନଟ ମଧ୍ୟ ହୋଇପାରୁନାହିଁ। ଏହାକୁ କେବେ ସ୍ଥିର ମସ୍ତିଷ୍କରେ ସବୁ ଦଳମତ ନିର୍ବିଶେଷରେ ବିଧାନସଭାରେ ପାରସ୍ପରିକ ବୁଝାମଣା ଭିତ୍ତିରେ ଆଲୋଚ଼ନା ହୋଇଛିକି ? ବିଧାନସଭାର ଅଧିବେସନ ଚ଼ାଲିଥିବାବେଳେ ଗୃହରେ ମାନ୍ୟବର ବିଧାୟକମାନେ ପାରସ୍ପରିକ ରାଜନୈତିକ ଅସୂୟା ଭାବ ରଖି ଅଯଥାକଥାରେ ଆରୋପ ପ୍ରତ୍ୟାରୋପରେ ମାତି ଧାର୍ଯ୍ୟ କାର୍ଯ୍ୟ ଦିବସକୁ ନିଷ୍ଫଳ କରିବାରେ କଣ ଓଡିଶାର ପ୍ରଗତି ଆଣିବା ସମ୍ଭବକି ?

ସେହିପରି ଗତ ଅଧିବେସନରେ ଶାସକ ଦଳର ଜନୈକ ମାନ୍ୟବର ବିଧାୟକଙ୍କ ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କାର କ୍ଷେତ୍ରରେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଓ ଏହା ଉପରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା କିପ୍ରକାର ଆବଶ୍ୟକ ପଦକ୍ଷେପ ପ୍ରସଂଗ ଉପରେ ତଥ୍ୟ ରଖିବାକୁ ନିବେଦନ ସହ ବିଧାନସଭାରେ ପ୍ରଶ୍ନ କରିଥିଲେ । ବାସ୍ତବରେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କେବେ ଓ କିପ୍ରକାର ପାଳନ ହେବ ବୋଲି ତଥ୍ୟ ନିଶ୍ଚୟ ରାଜ୍ୟ ଆଇନ ବିଭାଗ ପାଖରେ ରହିଥିବା ସ୍ୱଭାବିକ୍ ।ହେଲେ ଏହା ଉପରେ ଉତ୍ତର ରଖିଥିବା ମାନ୍ୟବର ମନ୍ତ୍ରୀ ଏହି ପ୍ରସଂଗରେ ତଥ୍ୟ ସଂଗ୍ରହ କରାଯାଉଥିବା ଉତ୍ତର ରଖିଥିଲେ। ସେହିପରି ଅନଲାଇନ ଶିଶୁ ଯୌନ ନିର୍ଯ୍ୟାତନା ଉପରେ ବିରୋଧୀଦଳର ମାନ୍ୟବର ମୁଖ୍ୟ ସଚେତକ ପଚ଼ାରିଥିବା ପ୍ରଶ୍ନର ଉତ୍ତରରେ ତଥ୍ୟ ସଂଗ୍ରହ କରାଯାଉଥିବା ମଧ ଶାସକଦଳ ପକ୍ଷରୁ ଉତ୍ତର ରଖାଯାଇଥିବା ଅଭିଯୋଗ ଉଠୁଛି। ତଥ୍ୟ ସଂଗ୍ରହ ଆଳରେ ଅନେକ ତଥ୍ୟର ଉତ୍ତର ଶାସକ ଦଳ ପକ୍ଷରୁ କାଳେ ଲୁଚ଼ାଯାଉଥିବା ।

ପ୍ରଦୋଷ କୁମାର ଦାସ,ସ୍ତମ୍ଭକାର,ସା/ପୋ:- ନାଚୁଣୀ,ଜିଲ୍ଲା:- ଖୋରଧା ପିନ୍- ୭୫୨୦୩୪(୬୩୭୦୪୯୫୯୪୪),




# ରାସ୍ତାରେ ଲେଖା ହେଲା ଏଠି ଚୁମ୍ବନ ମନା

ମୁମ୍ବାଇର ଏକ ସୋସାଇଟି ଖୋଲାଖୋଲି ଚୁମ୍ବନକୁ ଆପତିଜନକ କହି ନିଜ କଲୋନୀକୁ ନୋ କିସିଂ ଜୋନ୍ ଘୋଷଣା କରିଛି । କଲୋନୀ ଗେଟ୍‌ରେ ନୋ କିସିଂ ଜୋନ୍ ସାଇନ୍ ବୋର୍ଡ ଲଗାଯାଇଛି । ଆଖପାଖ ରାସ୍ତାରେ ମଧ୍ୟ ନୋ କିସିଂ ଜୋନ୍ ଉଲ୍ଲେଖ ହୋଇଛି । ରାସ୍ତା ମଝିରେ ହେଉଥିବା ଖୋଲାଖୋଲି ଅଶ୍ଳୀଳତାକୁ ଏଥିପାଇଁ ଦାୟୀ କରାଯାଇଛି । ସୋସାଇଟି ଲୋକଙ୍କ କହିବା ଅନୁସାରେ, ଲକ୍‌ଡାଉନ୍ ସମୟରେକିଛି ଯୋଡ଼ି ସେହି ସୋସାଇଟିର ରାସ୍ତା କଡ଼ରେ ପରସ୍ପରକୁ ଚୁମ୍ବନ ଦେଉଥିବା ଦୃଶ୍ୟ ସେମାନଙ୍କୁ ଆପତିଜନକ ମନେହେଲା । ବୋରିବଲିର ସତ୍ୟମ୍ ଶିବମ୍ ସୁନ୍ଦରମ୍ ସୋସାଇଟିରେ ଏହି ମାମଲା ସାମ୍ନାକୁ ଆସିଛି । ଖୋଲାଖୋଲି ଚୁମ୍ବନ ଯୋଗୁ ସୋସାଇଟିର ଲୋକେ ଲଜ୍ଜା ଅନୁଭବ କରୁଥିଲେ । ତେଣୁ ଏଥିରେ ବିରକ୍ତ ହୋଇ ସୋସାଇଟି ପକ୍ଷରୁ ପ୍ରବେଶ ଦ୍ୱାରରେ ନୋ କିସିଂ ଜୋନ୍ ସାଇନ୍ ବୋର୍ଡ ଲଗାଇ ଦିଆଯାଇଛି । ଏହା ପରଠୁ ଯୋଡ଼ିଙ୍କର ସେଠାକୁ ଆସିବା ଧୀରେ ଧୀରେ କମିଯାଇଛି । ଚୁମ୍ବନ ଘଟଣା ନଜରକୁ ଆସିବା ପରେ ସୋସାଇଟିର ଜଣେ ସଦସ୍ୟ ସ୍ଥାନୀୟ କର୍ପୋରେଟର ଓ ପୋଲିସଙ୍କୁ ସୂଚନା ଦେଲେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ତା ପରେ ଏହାର ସଦସ୍ୟମାନେ ପରସ୍ପର ବିଚାରବିମର୍ଶ କରି ନିଜେ ଏହି ନିଷ୍ପତି ନେଲେ ।





# ଦାବି ପାଇଁ ଟାୱାରରେ ୧୩୫ ଦିନ

ପଞ୍ଜାବର ଗୁରଦାସପୁରରେ ଜଣେ ଯୁବକ ୨୦୦ ଫୁଟ୍ ଉଚ୍ଚ ଟାୱାରରେ ୧୩୫ ଦିନ ରହିଛନ୍ତି । ଭୀଷଣ ଗରମ, ପ୍ରବଳ ବର୍ଷା ସତ୍ୱେ ସେ ତଳକୁ ଓହ୍ଲାଇଲେ ନାହିଁ । ପୋଲିସ ଓ ସ୍ଥାନୀୟ ପ୍ରଶାସନ ତାଙ୍କୁ ଟାୱାରରୁ ତଳକୁ ଓହ୍ଲାଇବାକୁ ଖୁବ୍ ପ୍ରୟାସ କଲଶ, କିନ୍ତୁ ସର୍ତ ପୂରଣ ନ ହେବା ଯାଏଁ ତଳକୁ ଓହ୍ଲାଇବାକୁ ସେ ସ୍ପଷ୍ଟ ମନା କରିଦେଲେ । ଯୁବକଙ୍କ ନାଁ ସୁରିନ୍ଦର ପାଲ ସିଂହ । ସୁରିନ୍ଦର ଇଟିଟି ଟେଟ୍ ପାସ୍ କରିବା ପରେ ଶିକ୍ଷକ ଭର୍ତି ପ୍ରକ୍ରିୟାକୁ ଅପେକ୍ଷା କରିଥିଲେ । କିନ୍ତୁ ଦୀର୍ଘ ସମୟ ଧରି ପଦବୀ ଖାଲି ସୂଚନା ଆସିଲା ନାହିଁ । ସେଥିପାଇଁ ସେ ଧୈର୍ଯ୍ୟ ହରାଇଦେଲେ । ବେକାରୀ ଯୋଗୁ ସେ ଏତେଚିନ୍ତାରେ ପଡ଼ିଗଲେ ଯେ ସରକାରଙ୍କ ବିରୋଧରେ ନିଆରା ଆନ୍ଦୋଳନ ଆରମ୍ଭ ହେବ । ଗୁରୁଦାସପୁର ସ୍ଥିତ ମୋବାଇଲ ଟାୱାରରେ ସେ ଚଢ଼ିଗଲେ । ଏହି ସଂଘର୍ଷରେ ବହୁ ସଂଖ୍ୟକ ଇଟିଟି ଟେଟ୍ ପାସ୍ ପ୍ରାର୍ଥୀ ତାଙ୍କୁ ସମର୍ଥନ କଲେ । ଶେଷରେ ସୁରିନ୍ଦରଙ୍କ ଜିଦ୍ ଓ ଇଟିଟି ପାସ୍ ପ୍ରାର୍ଥୀଙ୍କ ପରିଶ୍ରମର ଫଳ ମିଳିଲା । ସରକାର ୬୬୦୦ ନୂଆ ପଦବୀ ଘୋଷଣା କଲେ । ଏ ବିଷୟରେ ଜାରିବା ପରେ ସୁରିନ୍ଦର ଖୁବ୍ ଖୁସି ହୋଇଗଲେ । ସେ ଟାୱାରରୁ ତଳକୁଆସିଲେ । ୪ ମାସରୁ ଅଧିକ ସମୟ ଧରି ଟାୱାରରେ ବିତାଇବା ଯୋଗୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡି ଯାଇଥିଲା । ତାଙ୍କ ତ୍ୱଚା ସମ୍ପୂର୍ଣ୍ଣ ପୋଡିଯାଇଥିଲା । ସେ ଠିକରେ ଠିଆ ହେଇପାରିଲେ ନାହିଁ । ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଆମ୍ବୁଲାନ୍ସର ବ୍ୟବସ୍ଥା କଲେ ଏବଂ ତଙ୍କୁ ହସ୍ପିଟାଲରେ ଭର୍ତି କଲେ । ଏବେ ତାଙ୍କର ଚିକିତ୍ସା ଚାଲିଛି ।

# ରକ୍ତ ହୀନତାକୁ ଦୂରାଏ ଡାଲିମ୍ବ

ଡାଲିମ୍ବ ବହୁତ ଲୋକଙ୍କ ପସନ୍ଦ । ଶରୀରରେ ରକ୍ତ ବୃଦ୍ଧି ପାଇଁ ଡାଲିମ୍ବ ବହୁତ ଉପାଦେୟ । ନିୟମିତ ଡାଲିମ୍ବ ସେବନ କଲେ ଶରୀରରେ ରକ୍ତହୀନତା ଦେଖା ଦେଇନଥାଏ । ଡାଲିମ୍ବର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି । ଡାଲିମ୍ବରେ ପ୍ରଚୁର ମାତ୍ରାରେ ଆଇରନ, ଏନର୍ଜି, ଅସନ୍ତୁଳିତ ଫ୍ୟାଟି ଏସିଡ୍, ଫାଇବର, ପ୍ରୋଟିନ୍, ଭିଟାମିନ୍ ଓ ଥାଇମିନ ରହିଛି । ଏଥିସହ ଏଥିରେ ଆଂଟି ଅକ୍ସିଡାଂଟ, ଫୋଲିକ୍ ଏସିଡ୍ ଏବଂ ରାଇବୋଫ୍ଲାଭିନ୍ ମଧ୍ୟ ପ୍ରଚୁର ପରିମାଣରେ ରହିଛି । ଡାଲିମ୍ବ ରକ୍ତହୀନତା ପାଇଁ ଲାଭଦାୟକ । ଡାଲିମ୍ବ ସେବନ ଦ୍ୱାରା ରକ୍ତହୀନତା ସମସ୍ୟା ଦୂର ହୋଇଥାଏ । ପ୍ରତିଦିନ ଡାଲିମ୍ବ ସେବନ କଲେ ରକ୍ତହୀନତା ପୀଡିତ ବ୍ୟକ୍ତିଙ୍କର ନାଲି ରକ୍ତ କଣିକା ବୃଦ୍ଧି ପାଇଥାଏ । ଯାହାଫଳରେ ରକ୍ତହୀନତା ସମସ୍ୟା ଦୂର ହୋଇଥାଏ । ସେହିପରି ମଧୁମେହ ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ । ମଧୁମେହ ରୋଗୀ ଡାଲିମ୍ବ ସେବନ ଦ୍ୱାରା ମଧୁମେହ ରୋଗୀଙ୍କୁ କିଛି ସମସ୍ୟା ହୋଇନଥାଏ । କିନ୍ତୁ ମଧୁମେହ ରୋଗୀ ଡାଲିମ୍ବ ଜୁସ୍ ପିଇବା ଅନୁଚିତ୍ । ଡାକ୍ତରଙ୍କ ଅନୁସାରେ ଜୁସ୍ ବଦଳରେ ମଧୁମେହ ରୋଗୀ ସିଧାସଳଖ ଡାଲିମ୍ବ ସେବନ କରିବା ଉଚିତ୍ । ସେହିପରି କ୍ୟାନ୍ସର ରୋଗରୁ ମଧ୍ୟ ଡାଲିମ୍ବ ରକ୍ଷା କରିଥାଏ । ଡାଲିମ୍ବରେ ଥିବା ଅନେକ ଆଂଟି ଅକ୍ସିଡାଂଟ ତତ୍ୱ କ୍ୟାନ୍ସର ଭଳି ରୋଗ ସହ ଲଢ଼ିବାରେ ସହାୟକ ହୋଇଥାଏ । ନିୟମିତ ଡାଲିମ୍ବ ଜୁସ୍ ସେବନ କଲେ କିମ୍ବା ତାଜା ଡାଲିମ୍ବ ଖାଇଲେ ସ୍ତନକର୍କଟ ଓ ଚର୍ମ କକଟ ହେବାର ଆଶଙ୍କା କମ୍ ହୋଇଥାଏ । କ୍ୟାନ୍ସର ରୋଗୀ ମଧ୍ୟ ପ୍ରତିଦିନ ଡାଲିମ୍ବ ଜୁସ୍ ପିଇବା ଉଚିତ୍ । ଏହା ଓଜନ କମାଇବାରେ ସହାୟକ ହୁଏ । ଯେଉଁମାନେ ଓଜନ କମ୍ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଡାଲିମ୍ବ ଅତ୍ୟନ୍ତ ଲାଭଦାୟକ । ଗୋଟିଏ ଗ୍ଲାସ୍ ଡାଲିମ୍ବ ଜୁସ୍ ପିଇଲେ ଅଂଟା ଚର୍ବି କମ୍ ହୋଇଥାଏ । ଓଜନ କମ୍ କରିବା ପାଇଁ ଡାଲିମ୍ବ ଖାଇବାଠାରୁ ତାର ଜୁସ୍ ପିଇବା ଅଧିକ ଲାଭଦାୟକ । ଡାଲିମ୍ବ ଶରୀରରେ ରକ୍ତ ସଂଚାଳନ କରିବାରେ ସହାୟକ ହୋଇଥାଏ । ଯାହାଫଳରେ ହୃଦୟ ଯାଏଁ ରକ୍ତ ସଠିକ୍ ଭାବେ ପହଂଚି ପାରିଥାଏ । ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ଦୂର ହୋଇଥାଏ । ନିୟମିତ ଡାଲିମ୍ବ ସେବନ କଲେ ହୃଦ୍ ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ । ଡାଲିମ୍ବ ସେବନ ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ ସ୍ତର କମ୍ ହୋଇଥାଏ । ନିୟମିତ ଡାଲିମ୍ବ ଜୁସ୍ ସେବନ କଲେ ମାଂସପେଶୀ, ହାଡ଼ ଓ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । କିଛି ଲୋକଙ୍କର ରକ୍ତହୀନତା ଯୋଗୁ ମଧ୍ୟ ଗଣ୍ଠି ଯନ୍ତ୍ରଣା ହୋଇଥାଏ । ଗଣ୍ଠି ମଜଭୁତ୍ କରିବାକୁ ନିୟମିତ ଡାଲିମ୍ବ ଜୁସ୍ ସେବନ କରିବା ଉଚିତ୍ ।

ଧଡ଼କ ଗର୍ଲ ଜାହ୍ନବୀ କପୁର ଏବେ ନିଜର ନୂଆ ଫଟୋସୁଟ୍ ଓ ସାକ୍ଷାତକାରକୁ ନେଇ ଚର୍ଚ୍ଚାରେ ଅଛନ୍ତି । ପିକକ୍ ପତ୍ରିକା ପାଇଁ ଜାହ୍ନବୀ ନୂଆ ବ୍ରାଇଡାଲ ଫଟୋସୁଟ୍ କରାଇଛନ୍ତି । ପତ୍ରିକା ସହ ସାକ୍ଷାତକାରରେ ସେ ନିଜର ବିବାହ ବିଷୟରେ କଥା ହୋଇଛନ୍ତି । ବିବାହକୁ ନେଇ ଯୋଜନା ଏବଂ କିଭଳି ବିକାହ କରିବାକୁ ଚାହୁଁଛନ୍ତି, ସେ ବିଷୟରେ ଖୋଲା କଥା ହୋଇଛନ୍ତି । ତିରୁପତି ବାଲାଜୀରେ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଜାହ୍ନବୀ କହିଛନ୍ତି । ସେହିପରି ବ୍ୟାଚଲର ପାର୍ଟି ବିଷୟରେ ପଚାରିବାକୁ କାପ୍ରି ଦ୍ୱୀପରେ ଏହି ପାଇଁ କରିବାକୁ ଚାହୁଁଥିବା କହିଛନ୍ତି । ବିବାହର ଅନ୍ୟ ବିଧି ଯଥା ସଙ୍ଗୀନ ଓ ମେହେନ୍ଦି ନିଜ ଘରେ କରିବା ତାଙ୍କର ପସନ୍ଦ । ତେବେ ବିବାହ ଭୋଜି କେଉଁଠି ଦେବେ ବୋଲି ପଚାରିବାରୁ ସେ କହିଛନ୍ତି, ଏହାର କୌଣସି ଆବଶ୍ୟକତା ନାହିଁ । ତାଙ୍କ ଇଚ୍ଛା, ବିବାହ ସାଜସଜ୍ଜା ପାରମ୍ପରିକ ହେବା ଉଚିତ୍ । ତେବେ ସାଦାସିଧା ବିବାହ ତାଙ୍କର ଖୁବ୍ ପସନ୍ଦ । ସପ୍ତାହ ଧରି ଚାଲୁଥିବା ବିବାହ ଉତ୍ସବ ତାଙ୍କର ଆଦୌ ପସନ୍ଦ ନୁହେଁ । ଦୁଇ ଦିନରେ ନିଜ ବିବାହ ବିଧି ଶେଷ କରିଦେବାକୁ ସେ କହିଛନ୍ତି । ସେହିପରି ବିବାହରେ ଖୁବ୍ ଫ୍ୟାନ୍ସି ପୋଷାକ ବି ତାଙ୍କର ପସନ୍ଦ ନୁହେଁ । ସାକ୍ଷାତକାରରେ ପ୍ରଥମ ଦରମା ବିଷୟରେ ମଧ୍ୟ ଜାହ୍ନବୀ କହିଛନ୍ତି । ପ୍ରଥମ ଦରମା ଟଙ୍କାରେ ସେ ଇଲଣ୍ଡ ବୁଲିଯିବାକୁ ଟିକେଟ୍ କିଣିଥିଲେ । ଜାହ୍ନବୀଙ୍କ ଅପକମିଂ ପ୍ରୋଜେକ୍ଟରେ ଅଛି ଗୁଡ୍‌ଲକ୍ ଜେରି ଓ ଦୋସ୍ତାନା-୨ ଯାହାକୁ ନେଇ ବେଶ୍ କିଛି ଦିନରୁ ଚର୍ଚ୍ଚା ହେଉଛି ।



# ବିବାହକୁ ନେଇ ଖୋଲାକଥା

# ମଙ୍ଗଳରେ ଦିଶିଲା ବରଫ ପରସ୍ତ

ମଙ୍ଗଳ ଗ୍ରହରେ ବରଫ ପରସ୍ତ ଦେଖିବାକୁ ମିଳିଛି । ଆମେରିକୀୟ ମହାକାଶ ଏଜେନ୍ସି ନାସାର ମାର୍ସ ରିକନ୍‌ସନ୍ସ ଆର୍ବିଟର ଏହାର ପ୍ରମାଣ ପାଇଛି । ମଙ୍ଗଳବାର ବରଫର ପରସ୍ତ ଫଟୋକୁ ନାସା ନିଜ ୱେବ୍‌ସାଇଟ ଓ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଜାରି କରିଛି । ଫଟୋ ଦେଖିବା ପରେ



ଗ୍ରୀନ୍‌ଲାଣ୍ଡ ଓ ଆର୍ଟାଂଟିକାରେ ଜମା ବରଫ କଥା ମନେପଡ଼େ । ଏହା ଯୋଗୁ ମଙ୍ଗଳ ଗ୍ରହଷଣ ବଡ଼ ବଡ଼ ହ୍ରଦ ସୃଷ୍ଟି ହୋଇଛି । ତେବେ ସଦ୍ୟ ପଷଯା ମାଧମରେ ନାସା ବିଶ୍ୱବାସୀଙ୍କୁ ଚକିତ କରିଛି । ନାସାର ବୈଜ୍ଞାନିକମାନେ କହିଛନ୍ତି, ଆମେ ମାର୍ସ ରିକ୍‌ନସନ୍ସ ଅର୍ବିଟର ଦେଖିବା ପରେ ଚକିତ ହୋଇଛୁ । ମଙ୍ଗଳର ଦକ୍ଷିଣ ମେରୁରେ ବଡ଼ ବଡ଼ ବରଫପୂର୍ଣ୍ଣ ହ୍ରଦ ଦିଶୁଛି ।

କିନ୍ତୁ ଯାଂଚରୁ ମିଳିଥିବା ତଥ୍ୟକୁ ନେଇ ନାସର ଜେଟ୍ ପ୍ରପଲସନ୍ସ ଲାବୋରେଟୋରୀର ବୈଜ୍ଞାନିକମାନେ ଚକିତ ହୋଇଛନ୍ତି । ନାସା ନିଜ ୱେବ୍‌ସାଇଟରେ ଉଲ୍ଲେଖ କରିଛି, ଯେଉଁଠି ଜଳ ଥାଏ, ସେଠାରେ ଜୀବନ ଥାଏ । କିନ୍ତୁ ଏହି ଥିଓରି କେବଳ ପୃଥିବୀରେ ହିଁ ଲାଗୁ ହେଉଛି । ସେଥିପାଇଁ ଆମ ବୈଜ୍ଞାନିକମାନେ ମଙ୍ଗଳ ଗ୍ରହର ଶୁଷ୍କ ଭୂମିରେ ତରଳ ପାଣିର ଅନ୍ୱେଷଣ ଜାରି ରଖିଛନ୍ତି । ତେବେ ଏହା ଏତେ ସହଜ ନୁହେଁ । ଦୂରରୁ ଦେଖିବା ଦ୍ୱାରା ଏବଂ ଫଟୋଗୁଡିକର ଯାଂଚରୁ ଜଣାପଡିଛି, ଲାଲ୍ ଗ୍ରହର ଦକ୍ଷିଣ ମେରୁରେ ବହୁ ମାତ୍ରାରେ ବରଫ ରହିଛି । ନାସାର ସୂଚନା ଅନୁସାରେ, ଟିକିଏ ଗରମ ହେଲେ ବରଫ ତରଳି ପାଣି ହୋଇଯାଏ । ମଙ୍ଗଳରେ କିନ୍ତୁ ଏହି ସ୍ଥିତି ଅଧିକ ସମୟ ରହୁନାହିଁ । ବରଫ ତରଳିବାର କିଛି ସେକେଣ୍ଡ ମଧ୍ୟରେ ବାଷ୍ପ ହୋଇଯାଉଛି । ମଙ୍ଗଳର ବାୟୁମଣ୍ଡଳରେ ଶୂନ୍ୟ ହୋଇଯାଇଛି । ୨୦୧୮ରେ ଇଟାଲିର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଷ୍ଟ୍ରୋଫିଜିକ୍ସର ବୈଜ୍ଞାନିକ ଓରେସେଇ ମଙ୍ଗଳର ଦକ୍ଷିଣ ମେରୁରେ ଭୂପୃଷ୍ଠ ତଳେ ବରଫପୂର୍ଣ୍ଣ ହ୍ରଦ ଆବିଷ୍କାର କରିଥିଲେ । ସେ ୟୁରୋପିଆନ୍ ସ୍ପେସ୍ ଏଜେନ୍ସିର ମାର୍ସ ଏକ୍ସପ୍ରେସ୍ ଅର୍ବିଟରରୁ ଏହାର ପ୍ରମାଣ ସଂଗ୍ରହ କରିଥିଲେ । ଏହା ଉପରେ ସବିଶେଷ ଅଧ୍ୟୟନରୁ ଜଣାଡିଲା, ମଙ୍ଗଳ ଗ୍ରହରେ ସୃଷ୍ଟ ହ୍ରଦର ସ୍ରୋତ ଜଳ ବା ବରଫ ନୁହେଁ, ବରଂ ଚିକ୍କଣ ମାଟି । ତେଣୁ ହ୍ରଦକୁ ଶୁଖାଇବାରେ ଚିକ୍କଣ ମାଟିର ବଡ଼ ଯୋଗଦାନ ଥାଇପାରେ ବୋଲି ପରବର୍ତୀ ୩ ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଲା ।

# ତାଳଚେର ଫର୍ଟିଲାଇଜର ପରିସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ତାଳଚେର୦୫/୭ (ନି.ପ୍ର) : ସ୍ୱାଧୀନତାର ୭୫ ବର୍ଷ ସମାରୋହ ଉପଲକ୍ଷେ ସାରା ବର୍ଷ ପାଳିତ ହେଉଥିବା 'ଆଜାଦୀ କା ଅମୃତ ମହୋତ୍ସବ' ର ଅଂଶବିଶେଷ ଭାବେ ଏବେ ପାଳନ ହେଉଛି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ। ଜାତୀୟତା, ଦେଶପ୍ରେମ ଓ ଏକତାର ବାର୍ତ୍ତା ବହନ କରୁଥିବା କାର୍ଯ୍ୟକ୍ରମକୁ ସ୍ଥାନୀୟ ତାଳଚେର ଫର୍ଟିଲାଇଜର ଲିମିଟେଡ଼ (ଟିଏଫ୍ଏଲ) ତରଫରୁ ପାଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାର ଅନ୍ୟତମ ନିର୍ଦ୍ଦେଶକ ସଞ୍ଜୟ ଅରୋରା ଏପରି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଦେଶର ନାଗରିକମାନଙ୍କର ଦେଶ ପ୍ରତି ରହିଥିବା କର୍ତ୍ତବ୍ୟ ଉପରେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଟିଏଫଏଲ ର ଜେନେରାଲ ମ୍ୟାନେଜର ସତ୍ୟବ୍ରତ ମିଶ୍ର ତାଙ୍କ ଉଦ୍‌ଘାଟନୀ ଭାଷଣ ପ୍ରସଙ୍ଗରେ ବିବିଧତା ମଧ୍ୟରେ ଏକତା ଭାରତ ପରି ଏକ ଦେଶରେ ସର୍ବଶ୍ରେଷ୍ଠ ପରିଚିତ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ବକ୍ତା ଭାବରେ ଏଫସିଆଇର ବୈଷୟିକ ଉପଦେଷ୍ଟା ଡକ୍ଟର ପ୍ରସନ୍ନ କୁମାର ବରାଳ ତାଙ୍କର ଅଭିଭାଷଣରେ ଜାତୀୟ ପତାକାର ଇତିହାସ ଓ ଦେଶପ୍ରେମ ପାଇଁ ଏହାର ପ୍ରତୀକାତ୍ମକ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଫସିଆଇ ତରଫରୁ ଇରଫାନ୍ ଅହମ୍ମଦ, ପିଡିଆଇଏଲର ଆରସିଏମ୍ ୟୁ.ପି.ଟୁଡୁ ଓ ସିଆଇଏସଏଫ୍ ର ସହକାରୀ କମାଣ୍ଡାଣ୍ଟ କେ.କେ. ପାତ୍ର ସମ୍ମାନୀତ ଅତିଥିଭାବେ ମଂଚାସୀନ ଥିଲେ। ଟିଏଫଏଲର ଚିଫ୍ ମ୍ୟାନେଜର ସୁମନ୍ତ ପ୍ରଧାନ ମଂଚ ଓ ସଭା ପରିଚାଳନା କରିଥିଲେ। ଶେଷରେ ଉପସ୍ଥିତ ଲୋକଙ୍କୁ ମୁଖ୍ୟ ଅତିଥି ଶ୍ରୀ ଅରୋରା ଜାତୀୟ ପତାକା ପ୍ରଦାନ କରିଥିଲେ। ସମାରୋହ ଶେଷରେ ଜେନେରାଲ ମ୍ୟାନେଜର (କନଷ୍ଟ୍ରକସନ୍) ବଲଓ୍ୱନ୍ତ ସିଂ ଗୋସାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପାରାଦୀପରେ ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନକୁ ଦାବୀପତ୍ର ପ୍ରଦାନ

# ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତିରେ ଦାବୀପତ୍ର ଦେଲେ କାର୍ଯ୍ୟରତ ସାମ୍ବାଦିକ

ପାରାଦୀପ ୦୫/୭ (ନି.ପ୍ର) :ପାରାଦୀପ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ପାରାଦୀପର ଅଠରବାଙ୍କୀ ଠାରୁ ନେହେରୁ ବଙ୍ଗଳା, ଅଠରବାଙ୍କୀ ଠାରୁ ଦୋଛକି, ଟର୍ମିନାଲ ଛକରୁ ରଙ୍ଗିଆଗଡ, ଦୋଛକିରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତା ଏବେ ଭାରିଯାନ ଦଖଲରେ । ରାସ୍ତା କଡରେ ମାଳମାଳ ଟ୍ରକ୍ ସମେତ ଅନ୍ୟ ଭାରିଯାନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ସାଧାରଣ ଲୋକ ଏହି ରାସ୍ତାରେ ଯିବାଆସିବା କରିବା ବେଳକୁ ଭଗବାନଙ୍କୁ ଡାକି ଯାଆଆସ କରୁଛନ୍ତି । ବିଗତ ୫ ବର୍ଷର ରିପୋର୍ଟରୁ ଜଣାପଡେ ଯେ, ସଡକ ଦୂର୍ଘଟଣାରେ ପ୍ରାୟ ୬୨ ଜଣଙ୍କର ମୃତ୍ୟୁ ଘଟିଲାଣି । କେତେଯେ ଦୂର୍ଘଟଣାରେ ଅର୍କମଣ୍ୟ ହେଲେଣି ତାର ହିସାବ ନାହିଁ । ପାରାଦୀପର ବିଭିନ୍ନ ଗଣଅନୁଷ୍ଠାନ ପକ୍ଷରୁ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ




ଏବଂ ରାସ୍ତା ପାର୍ଶ୍ୱ ଜବରଦଖଲ ଉଛେଦ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରାଯାଇଛି । ହେଲେ ଆଜି ଯାଏ ଏହି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ଏହି ସମସ୍ୟାକୁ ପ୍ରତିଦିନ ଗଣମାଧ୍ୟମରେ ସ୍ଥାନିତ କରୁଥିବା ପାରାଦୀପର ଗଣମାଧ୍ୟମର ପ୍ରତିନିଧି ତଥା କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁତ୍ୱର ସହ ନେଇଛନ୍ତି । ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ଦାବୀପତ୍ର ଗୁରୁବାର ଦିନ ଜଗତସିଂହପୁରର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହିକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁବାର ଦିନ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଆଗାମୀ ୭ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଏ ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବାଧ୍ୟ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବୀପତ୍ର ଗୁରୁବାର ଦିନ ପ୍ରଦାନ କରିବା ସମୟରେ ଉପସ୍ଥିତ ରହିବାକୁ ବୁଧବାର ଦିନ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କୁ କୁହାଯାଇଥିଲା । ହେଲେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଦ୍ଧାରିତ ସମୟରେ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରିବାକୁ ଯିବା ବେଳେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ପାରାଦୀପ ଏକ ଆର୍ନ୍ତଜାତୀୟ ବନ୍ଦର ହୋଇଥିବା ବେଳେ ଏହାର ଉନ୍ନତି ପାଇଁ କାର୍ଯ୍ୟରତ ସାମ୍ବାଦିକଙ୍କ ଦାବୀପତ୍ର ଗ୍ରହଣ କରିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପ୍ରଶାସନିକ ଉଦାସୀନତାର ଏକ ନଗ୍ନ ନମୁନା ବୋଲି ଚର୍ଚ୍ଚା ହେଉଛି ।

# ମାପଚୁପ ନେଇ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା

ରାଜନଗର ; ରାଜନଗର ବ୍ଲକ ଓସ୍ତିଆ ପଚାଂୟତ ବାଲିକଣା ଗ୍ରାମର ସୌଦାଗର ରାଉତଙ୍କ ସପରିବାର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ଘରବାଡି ପ୍ଲଟର ସୀମା ନିର୍ଦ୍ଧାରଣ ଓ ସେମାନଙ୍କ ପଥ ଅବରୋଧ ନେଇ ସେ ଆଗରୁ ଆବେଦନ କରିଥିଲେ । ତହସିଲ ପ୍ରଶାସନ ମାପଚୁପ ନୋଟିସ ଦେବା ସହ ଦିନଧାର୍ଯ୍ୟ କରି ମାପଚୁପ ପାଇଁ ପହଂଚିଥିଲେ, କିନ୍ତୁ ମାପଚୁପ ନକରି ସେଠାରୁ ଫେରି ଆସିଥିଲା । ଏହି ଘଟଣାର ପ୍ରତିବାଦ କରି ସୌଦାଗରଙ୍କ ପରିବାର ତହସିଲ ଆଗରେ ଧାରଣାରେ ବସି ରହିଥିଲେ । ତହସିଲଦାର ଭୋଳାନାଥ ସେଠୀ ସେମାନଙ୍କ ସହିତ ଆଲୋଚନା କରି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ହରିଣ ମାଂସ ଜବତ; ଦୁଇ ଗିରଫ, ଦୁଇ ଫେରାର

ରାଜନଗର ୦୫/୭ (ନି.ପ୍ର) : ଭିତରକନିକା ଜାତୀୟ ଉଦ୍ୟାନ କନିକା ରେଞ୍ଜ ଅନ୍ତର୍ଗତ କଂଟିଆଖାଇ ଫରେଷ୍ଟ ବ୍ଲକରୁ ହରିଣ ଶିକାର କରି ବୁଧବାର ବିଳମ୍ବିତ ରାତିରେ ମାଂସ ରାନ୍ଧୁଥିବା ଖବର ପାଇ ବନକର୍ମଚାରୀମାନେ ଚଢାଉ କରିଥିଲେ । ବିରଭଞ୍ଜପୁର ଗ୍ରାମର ଅନୁକୂଳ ମଣ୍ଡଳଙ୍କ ଘରୁ ୫କେଜି ହରିଣ ମାଂସ ସହ ଚମଡା ଜବତ କରିଥିଲେ । ଏହି ଘଟଣାରେ ଅନୁପମ ମଣ୍ଡଳ ଓ ଅଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ସୁଶାନ୍ତ ମଣ୍ଡଳ ଓ ପ୍ରଶାନ୍ତ ମଣ୍ଡଳ ଫେରାର ହୋଇଯାଇଥିବା ଜଣାପଡିଛି । ଫରେଷ୍ଟର ଲକ୍ଷ୍ମୀଧର ବାରିକଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ସଜେନ୍ଦ୍ର ଦାସ ଓ ସୁସ୍ମିତା ସେଠୀଙ୍କ ସହ ଆଂଟିପୋଚିଙ୍ଗ ସ୍କ୍ୱାର୍ଡ ଯଶୋବନ୍ତ ବେହେରା ଓ ସର୍ବେଶ୍ୱର ଦାସ ଚଢାଉରେ ସାମିଲ ହୋଇଥିଲେ । ଗିରଫ ହୋଇଥିବା ଅନୁପମ ଓ ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉଭୟେ କଂଟିଆଖାଇ ଫରେଷ୍ଟ ବ୍ଲକରୁ ହରିଣ ଶିକାର କରିଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ରେଞ୍ଜ ଅଫିସର ମାନସ ଦାସ ସୂଚନା ଦେଇଛନ୍ତି ।

# କାଗଜ କଲମରେ ଚାଲିଛି ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼୦୫/୭ (ନି.ପ୍ର) :ନୟାଗଡ଼ ସମଗ୍ର ଶିକ୍ଷା ଏବଂ ଆକ୍ସନ ଏଡ଼୍ର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲାର ଅବହେଳିତ ଶିଶୁମାନଙ୍କ ସମସ୍ୟା ତଥା ବାଲ୍ୟବିବାହ ନିଷେଧ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷାଧିକାରୀ ଅକୃର ବାରିକ ଶୁଭ ଉଦ୍‌ଘାଟନ କରି କହିଥିଲେ ଯେ, ପାଠ ଛାଡୁଥିବା ପିଲାଙ୍କର ସଂଖ୍ୟା, ତଥ୍ୟ ତଥା ସେମାନଙ୍କ ବହୁମୁଖୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ପାଠ ଛାଡୁଥିବା ପିଲାମାନଙ୍କର ତଥ୍ୟ ଠିକ୍ ଦେଇପାରିବେ ସେଥିପାଇଁ ସେମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସାଧନାକର୍ମୀ ଭାବେ ଆକ୍ସନ ଏଡ଼୍ର ଇପସିତା ଅଗ୍ରୱାଲ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସତ୍ୟ ରଂଜନ ଦାଶ, ସମଗ୍ର ଶିକ୍ଷାର ରଙ୍ଗନାଥ ସାହୁ, ଶ୍ରାବଣୀ ମିଶ୍ର ଯୋଗ ଦେଇ ସମାଜର ଅବହେଳିତ ବର୍ଗର ଶିଶୁମାନଙ୍କ ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲାର ୭୦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ସେମାନଙ୍କ ବିଦ୍ୟାଳୟର ବହୁବିଧ ସମସ୍ୟା ସଂପର୍କରେ ପ୍ରଶ୍ନ ଉତଥାପନ କରିଥିଲେ ଏବଂ ଏଗୁଡ଼ିକର ସମାଧାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବଶେଷରେ ଶିକ୍ଷକମାନେ ବାଲ୍ୟ ବିବାହକୁ ନିଷେଧ କରି ଶିଶୁମାନଙ୍କର ସାମଗ୍ରିକ ବିକାଶ ପାଇଁ ଶପଥ ନେଇଛନ୍ତି ।

# ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ଟ୍ରାଫିକ ଅବ୍ୟବସ୍ଥାକୁ ନେଇ ଦକ୍ଷିଣାଞ୍ଚଳ ଡିଆଇଜି ଙ୍କୁ ଦାବି ପତ୍ର ପ୍ରଦାନ



ବ୍ରହ୍ମପୁର ୦୫/୭ (ନି.ପ୍ର) :ଓଡ଼ିଶାର ଅନ୍ୟତମ ବଡ଼ ସହର ବ୍ରହ୍ମପୁରରେ ଦିନ କୁହ ଦିନ ଟ୍ରାଫିକ ସୁପରିଚାଳନା ପାଇଁ ପୋଲିସର ଅପାରଗତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ସୁଧାର ସହ ଗାଡ଼ି ଚାଳକ ଓ ପଥଚାରୀଙ୍କ ସୁରକ୍ଷା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ସୁଫଳ ମିଳି ନଥିବାପରିତାପର କଥା। ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ସମସ୍ୟା ବହୁ ଗୁଣିତକ ହେଉଥିବା ବେଳେ ରାସ୍ତା କଡ଼ର ବ୍ୟବସାୟ ଅନ୍ୟ ଏକ ମୁଖ୍ୟ ମୁଣ୍ଡ ବିନ୍ଧାର କାରଣ ହୋଇ ଛି । କିଛି ଯୁବପିଢି ତିନି ଜଣ ବ୍ୟକ୍ତି ସହ ଗାଡ଼ି ଚଳାଚଳ, ରାସ୍ତା ଉପରେ ପାର୍କ କରିବା,ଭୁଲ ରାସ୍ତା ରେ ଗାଡ଼ି ଚଳାଚଳ କରୁଥିବା ଯୋଗୁଁ ଅଯଥାରେ ରାସ୍ତାଜାମ କରିବା ଏଠି ନିତିଦିନିଆ ଘଟଣା । ବହୁ ସମୟରେ ଏହି କାରଣରୁ ଦୁର୍ଘଟଣା ମାନ ଘଟିଯାଇଛି । ପୋଲିସ ଧରପଗଡ ହେଉଥିବା ବେଳେ ଗଳାବାଟ ଦେଇ ଅମାନିଆ ଗାଡ଼ି ଚଳାଚଳ କରନ୍ତି । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଦୁଇ ଓ ଚାରି ଚକିଆ ଗାଡ଼ି ସହରକୁ ପ୍ରବେଶ କରୁଛି । ଠେଲା ଗାଡ଼ି ବାଲା ନିଜ ପେଟ ପାଟଣା ନିମନ୍ତେ ରାସ୍ତା ଉପରକୁ ଚାଲି ଆସନ୍ତି ,ଯାହା ଫଳରେ ରାସ୍ତା ଅବରୋଧ ହୁଏ । ସମସ୍ୟା ର ସମାଧାନ ପାଇଁ ଅଧିକ ତାଲିମ ପ୍ରାପ୍ତ ଟ୍ରାଫିକ ପୋଲିସ ନିଯୁକ୍ତି ପାଇଁ ,ଡ଼ ଓ ଏ ଙ୍କୁ ଦାବି ପତ୍ର ପ୍ରଦାନ ସହ ଆଲୋଚନା କରାଯାଇଥିଲା । ସହରର ଫାଷ୍ଟ ଗେଟ୍ ଛକ, ଗିରି ରୋଡ ଛକ, ଗାନ୍ଧୀ ନଗର, ଗୋଇଲୁନଡି , ଷ୍ଟେଟବ୍ୟାଙ୍କ ମୁଖ୍ୟ ଛକ, ଖଲିକୋଟ କଲେଜ ଛକ, ଗୋସାଇଁ ନୂଆଗାଁ, ଗଜପତି ନଗର ଛକ ଇଞ୍ଜିନିୟରିଂ ସ୍କୁଲ ଛକ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ଟ୍ରାଫିକ ଷ୍ଟାଣ୍ଡ ର ଆବଶ୍ୟକ ବିଷୟରେ ଆଲୋଚନା କରାଗଲା । ଆମ ଆଲୋଚନା ଅନୁଯାୟୀ ଡ଼ଓଏ ବ୍ରହ୍ମପୁର ୯ ଚଙ୍କସହ ଆଲୋଚନା କରି ଯାହା ଆମ ପାଇଁ ସମ୍ଭବ ତାହା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଏହି ଆଲୋଚନା ରେ ଶିବପ୍ରସାଦ ମିଶ୍ର,ବିଶ ଅ ଦେବ, ସୁଷମା ପଣ୍ଡା, ଶ୍ୟାମସୁନ୍ଦର ଖାଡଙ୍ଗା, ପ୍ରଦୀପ କୁମାର ସାହୁ, ବାସୁଦେବ ସାହୁକାର, ଲକ୍ଷ୍ମୀ ଚରଣ ପଣ୍ଡା, ବଂଶୀଧର ଭୂୟାଁ,ପ୍ରଣବ ପନଡା,୯ ଶାମ୍ବାଶିବ ରାଓ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ କ୍ଷ

# ହୋଟେଲ,ଟିଫିନ ଷ୍ଟଲ, ବେକେରି, ଗ୍ୟାରେଜରେ ଚଢାଉ ୫ ଶିଶୁ ଶ୍ରମିକ ଉଦ୍ଧାର

ଜୟପୁର୦୫/୭ (ନି.ପ୍ର) :ଜୟପୁର ସ୍ଥିତ ଜିଲା ଶ୍ରମ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ଜିଲାର ବୋରିଗୁମ୍ମା ଓ କୋଟପାଡର ବିଭିନ୍ନ ହୋଟେଲ,ଟିଫିନ ଷ୍ଟଲ, ବେକେରି, ଗ୍ୟାରେଜ ଆଟୋ ମୋବାଇଲ ସପ, ଚିକେନ ସେଣ୍ଟର ରେ ମିଳିତ ଚଢାଉ କରାଯାଇଛି । ଜିଲା ଶ୍ରମ ଅଧିକାରି ପ୍ରସନ୍ନ କୁମାର ପାଣିଗ୍ରାହୀ ଙ୍କ ତତ୍ୱାବଧାନରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ବୋରିଗୁମ୍ମାରୁ ଜଣେ ଏବଂ କୋଟପାଡରୁ ୪ ଜଣ ଶିଶୁ ଶ୍ରମିକ କୁ



ଉଦ୍ଧାର କରାଯାଇଛି । ଉଦ୍ଧାର ୫ ଶିଶୁ ଶ୍ରମିକ କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି । ଏହି ଚଢାଉରେ ସହକାରୀ ଶ୍ରମ ଅଧିକାରି ଚୈତନ୍ୟ ପ୍ରସାଦ ମାଝୀ, ଶ୍ରମ ନିରିକ୍ଷକ ପୁଣ୍ଡିମା ଡୁରୁକା, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଧମେନ୍ଦ୍ର ଜେନା , ଚାଇଲଡ ଲାଇନର ଗଙ୍ଗେଶ୍ୱର ମିଶ୍ର, ବୋରିଗୁମ୍ମା ଓ କୋଟପାଡ ପୋଲିସ ପ୍ରମୁଖ ଉପସ୍ଥିତ ଥିଲେ ।

# ଛତୁଚାଷ ତାଲିମ ଶିବିର ଉଦଯାପିତ

ନୟାଗଡ଼୦୫/୭ (ନି.ପ୍ର) : ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ, ଓଡ଼ିଶା ଜୀବିକା ମିଶନ୍ ନୟାଗଡ଼ ଓ ମିଶନ ଶକ୍ତି, ନୟାଗଡ଼ର ମିଳିତ ଆନୁକୂଲ୍ୟରେ ଓଡ଼ଗାଁ ବ୍ଲକର ଗ୍ରାମ୍ୟ ବିବାଦରେ ପିଡ଼ିତ ଜାକଡ଼ା ଗ୍ରାମବାସୀ ଯେଉଁମାନେ ଗ୍ରାମ ଘରଦ୍ୱାର ଛାଡ଼ି ଶରଣକୂଳରେ ରହୁଥିଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଏବଂ ଅନ୍ୟ କେତେକ ଗରୀବ, ଭୂମିହୀନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଛତୁ ଚାଷ ମାଧ୍ୟମରେ ଜୀବିକା ଯୋଗାଇ ଦେଇ ସ୍ୱାବଲମ୍ବି କରିବା ପାଇଁ ଶରଣକୂଳ ମିଶନ ଶକ୍ତି ଗୃହଠାରେ ୧୦ଦିନ ହେଲା ତାଲିମ ପ୍ରଦାନ କରାଯାଇଆସୁଥିଲା । ଉକ୍ତ ତାଲିମ ଶିବିରରେ ୩୫ଜଣ ତାଲିମାର୍ଥୀ ଥିଲେ । ଆଜି ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନୟାଗଡ଼ ଅଗ୍ରଣୀ ବ୍ୟାଙ୍କ ପରିଚାଳକ , ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର, ଓଡ଼ିଶା ଜୀବିକା ମିଶନ ଏବଂ ନୟାଗଡ଼ ଆରଏସଇଟିଆଇ ନିର୍ଦ୍ଦେଶକ, ଯୋଗଦେଇ ଅଭିଭାଷଣ ମାଧ୍ୟମରେ ପରାମର୍ଶ ଦେଇ ତାଲିମାର୍ଥୀମାନେ ନିଜର ଜୀବନ ଓ ଜୀବିକାର ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ସାହଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହା ଦ୍ୱାରା ଜିଲ୍ଲାର ବେକାରୀ ସମସ୍ୟା ଦୂର ହେବା ସଙ୍ଗେ ସଙ୍ଗେ ପରିବାରରେ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ସର୍ବଶେଷରେ ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋ ଚାଲାଣକୁ ବନ୍ଦ କରିବାକୁ ପ୍ରଶାସନର ଦ୍ୱାରସ୍ଥ




ଜୟପୁର ୦୫/୭ (ନି.ପ୍ର) : ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଷ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ବେଆଇନ ଭାବେ ଗୋଚାଲାଣ ରୋକ ଲଗାଇବା ପାଇ ଦାବୀ ପତ୍ର ପ୍ରଦାନ କରାଯାଇଛି । ସମାଜ ସେବି ବି ହରି ରାଓ ଙ୍କ ନେତୃତ୍ୱରେ କୋରାପୁଟ ଜିଲାର ହିନ୍ଦୁ ଧର୍ମାବଲମ୍ବି ସଦସ୍ୟ ମାନେ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଅବିଭକ୍ତ କୋରାପୁଟ ଜିଲାରେ ବେଆଇନ ଭାବରେ ବହୁ ପରିମାଣରେ ଗୋ ଚାଲାଣ ଚାଲିଛି । ଏହି ଗାଇକୁ ନେଇ ଆନ୍ଧ୍ର ପ୍ରଦେଶରେ ବିକ୍ରି କରାଯାଉଛି । ସେ ଠାରେ ଗୋମାତା କୁ ହତ୍ୟାକୁ ବିଦେଶକୁ ରପ୍ତାନି କରାଯାଉଛି । ଏହି ଧର୍ମ ବିରେଧି କାଯ୍ୟକୁ କିପରି ରୋକାଯାଇ ପାରିବ ଏଥି ପ୍ରତି ପ୍ରଶାସନ ଓ ସରକାର ହସ୍ତକ୍ଷେପ କରି ଗୋ ଚାଲାଣ କୁ ରୋକିବା ପାଇ ଦାବୀ କରାଯାଇଛି । ଦାବି ପତ୍ରର ନକଲ ଉପ ଜିଲାପାଳ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ଦେବେନ୍ଦ୍ର ସାହୁ, ଶିବ ତନ୍ତି, ଖଗପତି ତନ୍ତି, ରମ ମୁଦୁଲି, ମୋହନ କମାର ପ୍ରମୁଖ ଉପସ୍ଥିତ ଥିଲେ ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ୍ୟୁ ଓ ଜଣେ ଆହତ



ପୋଲସରା ୦୫/୭ (ନି.ପ୍ର) :ଗଞ୍ଜାମ ଜିଲ୍ଲା, ପୋଲସରା ପୋଲିସ ଥାନା ଅନ୍ତର୍ଗତ ମା' ସିଂହାସନୀ ପୀଠ ଠାରୁ ଅଳ୍ପ ଦୂରରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ପ୍ରକାରେ ଜୁଲାଇ ୦୩ ତାରିଖ ଦିନ କବିସୂର୍ଯ୍ୟ ନଗର ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମର ନାରାୟଣ ପ୍ରଧାନ ଓ ବାପୁଜୀ ପୋଲେଇ ପୋଲସରା ଠାରୁ ୨୫ କିଲୋମିଟର ଦୂରରେ ପ୍ରତିଷ୍ଠିତ ମା' ସିଂହାସନୀଙ୍କ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ । ଅପରାହ୍ନରେ ଔଏ ୦୧ ଉଏ ୭୬୨୪ ନମ୍ବର ବାଇକ ଯୋଗେ ଫେରିବା ସମୟରେ ମା' ସିଂହାସନୀ ମନ୍ଦିର ଠାରୁ ପ୍ରାୟ ଅଧ କିଲୋମିଟର ଦୂର ବଡ଼ତୈଳ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ର ଏକ ଗଛକୁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ବାପୁଜୀ ପୋଲେଇ (୨୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ନାରାୟଣ ପ୍ରଧାନ ଆହତ ହୋଇଛନ୍ତି । ଖବର ପାଇ ପୋଲସରା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମର ଶରୀରକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି ।

# ନବ ନିର୍ବାଚିତ ପଂଚାୟତରାଜ ଜନପ୍ରତିନିଧିମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ନିମନ୍ତେ ଭୁବନେଶ୍ୱର ଗସ୍ତ

ନୟାଗଡ ୦୫/୭ (ନି.ପ୍ର) : ପଂଚାୟତରାଜ ନବନିର୍ବାଚିତ ଜନପ୍ରତିନିଧିମାନଙ୍କର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ନିମନ୍ତେ ନୟାଗଡ଼ ଜିଲ୍ଲାର ଜନପ୍ରତିନିଧିମାନଙ୍କୁ ଜିଲ୍ଲାପାଳ ଡ଼ ପୋମା ଟୁଡୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷାଙ୍କ ସମେତ ୮ଟି ବ୍ଲକର ବ୍ଲକ୍ ଅଧ୍ୟକ୍ଷ ଏବଂ ୮ ବ୍ଲକରୁ ୮ଜଣ ସରପଂଚ ଗୋଟିଏ ବସରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ । ଏହି ବସକୁ ଜିଲ୍ଲାପାଳ ପୂଜାର୍ଚ୍ଚନା କରି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ।

# ମାହାଙ୍ଗାରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଡ଼ିଲର ସଂଘର ପ୍ରତିବାଦ ଲୋକ ଦେଖାଣିଆ

ମାହାଙ୍ଗା ୦୫/୭ (ନି.ପ୍ର) :ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଡିଲର ସଂଘ ତରଫରୁ ପ୍ରତିବାଦ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମାହାଙ୍ଗା ବ୍ଲକ୍‌ରେ ଯୋଗାଣ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ସାଧାରଣ ଖାଉଟି ସରକାରୀ କଂଟ୍ରୋଲ ସାମଗ୍ରୀ ଠିକ୍ ଭାବରେ ପାଉନଥିବା ବିଭିନ୍ନ ପଂଚାୟତରେ ଅଭିଯୋଗ ହେଉଛି । ଏପରିକି କେତେକ ଡିଲରଙ୍କ ବିରୁଦ୍ଧରେ କଟକ ସଦର ଉପଜିଲ୍ଲାପାଳଙ୍କ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ରାସନ କାର୍ଡରୁ ଆପେ ଆପେ ନାମ କଟିଯିବା ଏପରିକି ରାସନ କାର୍ଡ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ବ୍ଲକ୍ ଯୋଗାଣ ବିଭାଗ କାର୍ଯ୍ୟାଳୟ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଅପର ପକ୍ଷରେ କେନ୍ଦ୍ର ସରକାରଙ୍କ ଯୋଜନାରେ ଅଯୋଗ୍ୟ ରାସନ କାର୍ଡ ଧାରୀ କାର୍ଡ ଫେରାଇବା ସହ ଜୋରିମାନା ଅର୍ଥ ବ୍ଲକ୍ କାର୍ଯ୍ୟାଳୟରେ ପଇଠ କରିଥିଲେ ମଧ୍ୟ ପରବର୍ତ୍ତିସମୟରେ ଅନେକ ଅଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କ ଯୋଜନାରେ ଯୋଗ୍ୟ ହେଲେ କିପରି । ଅପର ପକ୍ଷରେ ବ୍ଲକ୍ କାର୍ଯ୍ୟାଳୟ ଶାସକ ଦଳର କର୍ମୀଙ୍କ କଥାରେ ପରିଚାଳିତ ହୋଇଥିବାରୁ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଂଚିତ ହୋଇଛନ୍ତି । ଅପରପକ୍ଷେ କେତେକ ପଂଚାୟତର ଡିଲରମାନେ କଂଟ୍ରୋଲ ସାମଗ୍ରୀକୁ ଚୋରାରେ ବିକ୍ରି କରୁଥିଲା ବେଳେ ଏପରିକି ମାସ ମାସ ଧରି ସାଧାରଣ ଖାଉଟିଙ୍କୁ କଂଟ୍ରୋଲ ସାମଗ୍ରୀ ନଦେଇ ହଇରାଣ କରୁଥିଲା ବେଳେ ଆଜି ସଂଘ ପକ୍ଷରୁ ପ୍ରତିବାଦ ସଭା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ଏପରିକି ବହୁ ଅଯୋଗ୍ୟ ହିତାଧିକାରୀ ଧନୀ ଶ୍ରେଣୀର ଲୋକଙ୍କ ନାମରେ ରାସନ କାର୍ଡ ଥିଲେ ମଧ୍ୟ ସେମାନଙ୍କ ନାମ କାହିଁକି କଟାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏଥିପାଇଁ ଯୋଗାଣ ବିଭାଗ ଅଧିକାରୀ ଦାୟୀ ବୋଲି ଅଭିଯୋଗ ହେଉଛି । ଅପରପକ୍ଷରେ ବହୁ ଯୋଗ୍ୟ ହିତାଧିକାରୀ ରାସନକାର୍ଡ ନପାଇ ବର୍ଷ ବର୍ଷ ଧରି ବ୍ଲକ୍ କାର୍ଯ୍ୟାଳୟକୁ ଧାଉଁଥିଲେ ମଧ୍ୟ ସେମାନଙ୍କ କଥା ଯୋଗାଣ ବିଭାଗ ଅଧିକାରୀ ଶୁଣୁନଥିବା ଅଭିଯୋଗ ହେଉଛି । ଯୋଗାଣ ବିଭାଗର ମନ୍ତ୍ରୀ ତୁରନ୍ତ ମାହାଙ୍ଗା ଅଂଚଳରେ ଦେଖାଦେଇଥିବା କଂଟ୍ରୋଲ ସାମଗ୍ରୀ ବଂଟନ ଅବ୍ୟବସ୍ଥା ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

# ଶୁକଦେବ ପରିଡା ଓ ଇଂ ଦେବେନ୍ଦ୍ର ପରିଡାଙ୍କ ମିଳିତ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡ଼ା,୦୫/୭ (ନି.ପ୍ର) :କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତର ଦୁତିଆଳ ଗ୍ରାମର ସରକାରୀ କର୍ମଚାରୀ ସ୍ୱର୍ଗତ ଶୁକଦେବ ପରିଡା ଏବଂ ତାଙ୍କ ସାନପୁଅ ଇଂ ଦେବେନ୍ଦ୍ର ପରିଡାଙ୍କର ମହାମାରୀ କରୋନାରେ ଦୁବାଇଠାରେ ଦେହାନ୍ତ ହୋଇଯାଇଥିଲା । ଉଭୟଙ୍କର ଏକ ବର୍ଷ ମଧ୍ୟରେ ଦେହାନ୍ତ ହୋଇଥିବାରୁ ଉଭୟଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ମିଳିତ ଭାବେ ସମାଜସେବୀ ଶିକ୍ଷକ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସମାଜସେବୀ ଆଦିକନ୍ଦ ରାଉଳ ଶୁକଦେବ ପରିଡାଙ୍କ ଅଞ୍ଚଳ ପାଇଁ ଅବଦାନ ବିଶେଷ ଭାବରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ଧାର୍ମିକ ଚେତନାର ଅଭିବୃଦ୍ଧି ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ତାଙ୍କ ସାନପୁଅ ଇଂ ଦେବେନ୍ଦ୍ର କୁମାର ପରିଡା ଆମ ଅଞ୍ଚଳରୁ ଅନେକ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ଜଣେ ପରୋପକାରୀ ଯୁବକ ଭାବରେ ନିଜକୁ ପ୍ରତିପାଦନ କରିଥିଲେ । ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ମୃତିସଭାରେ ଯୋଗଦେଇଥିବା ବ୍ୟକ୍ତିମାନେ ଉଭୟଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କରୁଣାକର ଦାସ, ରମଣୀ ରଞ୍ଜନ ରାଉତରାୟ, ଫକୀର ଚରଣ ଖଟୁଆ, ଅଧ୍ୟାପକ ଅଜୟ ସାମଲ, ଡା. ରମାକାନ୍ତ ଦାସ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥୀ ଜେନା, ମୁକ୍ତାର ଖାଁ, ସୁବାସ ଚନ୍ଦ୍ର ପାତ୍ର, ରାଜକିଶୋର ନାୟକ, ଶ୍ରୀଚରଣ ସାମଲ, ସରପଞ୍ଚ ସୁବନୀ ଚରଣ ସାହୁ ପ୍ରମୁଖ ଅଞ୍ଚଳର ସାମାଜିକ, ଧାର୍ମିକ ଅନୁଷ୍ଠାନ ଗଢି ତୋଳିବାରେ ଉଭୟଙ୍କର ବିଶେଷ ଭୂମିକା ଥିଲା ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ପୁତ୍ର ହେମନ୍ତ ପରିଡା, ଜୟଶ୍ରୀ ସାମଲ, ରବିନ୍ଦ୍ର ପରିଡା, ପ୍ରଶାନ୍ତ ପରିଡା, ନାତି ବିପ୍ଳବ କୁମାର ସାମଲ, ପଙ୍କଜ କୁମାର ପରିଡା, ସୁରଜ କୁମାର ପରିଡା, ଆଦିତ୍ୟ କୁମାର ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

# ବିଷ ଭରିଲା ବିଶ୍ୱାସରେ ବନ୍ଧୁ !

## ସମ୍ପତ୍ତି ହାତେଇଲା ପରେ ବିଧବା ପତ୍ନୀଙ୍କୁ କଲେ ବିବାହ

ମୟୂରଭଞ୍ଜ ୦୫/୭ (ନି.ପ୍ର) : ବିଶ୍ୱାସରେ ବିଷ ଦେଲେ ଯୁବକ। ସାଙ୍ଗର ମୃତ୍ୟୁ ପରେ ଅସଲ ରୂପ ଦେଖାଇଲେ। ଯେଉଁ ପରିବାର ତାଙ୍କୁ ପୁଅ ଭାବୁଥିଲା, ସେଇ ପରିବାରକୁ ଧୋକାଦେଲେ। କେବଳ ସେତିକି ନୁହେଁ, ଶେଷର ବନ୍ଧୁଙ୍କ ବିଧବା ପତ୍ନୀକୁ ବି ବାହା ହୋଇଗଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ। ବାଙ୍ଗିରିପୋଷି ଥାନା ଅଧୀନ ବୁଡାମରା ଗ୍ରାମର ପ୍ରଭାସ ନାଏକଙ୍କ ପୁଅ ପବିତ୍ର ନାଏକ ଏବଂ ରାୟଗଡ଼ା ଜିଲ୍ଲା ଗୁଣପୁରର ବୃନ୍ଦାବନ ପ୍ରଧାନଙ୍କ ପୁଅ ବିଶ୍ୱଜିତ ପ୍ରଧାନ ବରହମପୁରରେ ଏକାସାଙ୍ଗରେ ପଢ଼ୁଥିଲେ। ସେମାନଙ୍କ ମଧ୍ୟରେ ନିବିଡ ବନ୍ଧୁତା ଥିଲା। ପରେ ବିଶ୍ୱଜିତ ଯନ୍ତ୍ରୀ ଭାବେ ଚାକିରି ପାଇଲେ। ଫଳରେ ସେ କିଛି କାମ କରୁ ନଥିବା ବନ୍ଧୁ ପବିତ୍ରଙ୍କୁ ଆଣି ନିଜ ଘରେ ଭାଇ ପରି ରଖିଲେ। କାମ ଦେବାକୁ ଯାଇ ତା' ପାଇଁ 'ବି' କ୍ଲାସ୍ କଣ୍ଟ୍ରାକ୍ଟର ଲାଇସେନ୍ସ କରାଇଦେଲେ। ପବିତ୍ର ନାମରେ ଟ୍ରାକ୍ଟର, ବୋଲେରୋ, ଜେସିବି, ଡମ୍ଫର, ସ୍କର୍ପିଓ ଆଦି କିଣିଦେଲେ। ଠିକାକାମ ସହ ପବିତ୍ର ବନ୍ଧୁ ବିଶ୍ୱଜିତଙ୍କ ଘରକଥା ବୁଝୁଥିଲେ। ତେବେ ୨୦୨୦ ମସିହା ଫେବ୍ରୁଆରି ୨୬ ତାରିଖରେ ଏକ ଦୁର୍ଘଟଣା ଯୋଗୁଁ ବିଶ୍ୱଜିତଙ୍କ ମୃତ୍ୟୁ ହେଲା। ବନ୍ଧୁଙ୍କ ମୃତ୍ୟୁ ପରେ ପବିତ୍ର ତାଙ୍କର ଅସଲ ରୂପ ଦେଖାଇଲେ।ବନ୍ଧୁଙ୍କ ଉପକାର ଭୁଲିଗଲେ। ଯେଉଁ ପରିବାର ତାଙ୍କୁ ପୁଅ ବୋଲି ଭାବୁଥିଲା, ସେଇ ପରିବାର ସହ ବିଶ୍ୱାସଘାତକତା କଲେ। ବିଶ୍ୱଜିତ ସାଙ୍ଗ ପବିତ୍ର ପାଇଁ କିଣି ଦେଇଥିବା ୭ଟିରୁ ଅଧିକ ଗାଡ଼ି ନିଜର ବୋଲି କହି ଆଇନ ସହାୟତାରେ ହାତେଇ ନେଇଥିଲେ। ବିଶ୍ୱଜିତଙ୍କ ପରିବାର ଲୋକ ନ୍ୟାୟ ପାଇଁ ଆଇନର ଆଶ୍ରୟ ନେଇଥିଲେ ମଧ୍ୟ କିଛି ଲାଭ ମିଳି ନଥିଲା। ଅନ୍ୟପଟେ ବିଶ୍ୱଜିତଙ୍କ ପତ୍ନୀ ସୁନିତା ପ୍ରଧାନ ଶାଶୂଘର ଲୋକ ଯୌତୁକ ନିର୍ଯାତନା ଦେଉଛନ୍ତି ବୋଲି ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୁଲିସ ୧୦/୨୧ରେ ଏକ ମାମଲା ରୁଜୁ କରିଛି। ଏବେ ସେ ଶାଶୂଘର ଛାଡି ନିଜର ୫ ବର୍ଷର ଝିଅ ସହ ବାପଘର ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି କୁମୁରୁଡାରେ ରହୁଛନ୍ତି। ଏହା ସହିତ ନିଜର ଓ ଝିଅର ଭରଣପୋଷଣ ପାଇଁ ଅର୍ଥ ଦାବି ସହ କୋର୍ଟରେ ମାମଲା ଦାଏର କରିଥିବା ଜଣାପଡିଛି।ଏପରି ସମୟରେ ପବିତ୍ର ମୃତ ବିଶ୍ୱଜତଙ୍କ ପତ୍ନୀ ସୁନିତାଙ୍କୁ କିଛିଦିନ ପୂର୍ବରୁ ପୁରୀର ଏକ ଶୈବପୀଠରେ ବିବାହ କରିଛନ୍ତି। ଏଠାରେ ଉଲ୍ଲେଖ ଥାଉକି ସୁନିତା ଜଣେ ଉଚ୍ଚ ଶିକ୍ଷିତା ମହିଳା। ସେ ବର୍ତ୍ତମାନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।ତେବେ ପବିତ୍ର ବିଶ୍ୱାସରେ ବିଷ ଦେବା ପରେ ଯେଉଁ ପରିବାର ଆଇନର ଆଶ୍ରୟ ନେଇଥିଲା, ସେହି ପରିବାର ପବିତ୍ର ସହ ବୋହୂର ବାହାଘର ହୋଇଥିବା ଜାଣିବା ପରେ ବାଙ୍ଗିରିପୋଷି ଥାନାରେ ଆଶ୍ରୟ ନେଇଛି। ଦୁନିଆରେ ଭଲ କାମ କଲେ ଏମିତି ଦୁଃଖ ମିଳେ। ଆଇନ ବି ଅନ୍ଧ ହୋଇଯାଏ ବୋଲି କୋହଭରା କଣ୍ଠରେ କହିଛନ୍ତି ବିଶ୍ୱଜିତଙ୍କ ବାପା ବୃନ୍ଦାବନ ପ୍ରଧାନ।ଘଟଣା ବାବଦରେ ଅଭିଯୁକ୍ତ ପବିତ୍ରଙ୍କ ମତାମତ ନିଆଯାଇଥିଲା। ସେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି। ?ଯେଉଁ ଗାଡି ସବୁ ତାଙ୍କ ନାମରେ ଅଛି, ସେଗୁଡିକ ସେ ନିଜେ କିଣିଛନ୍ତି। ସେହିପରି ବିବାହ ତାଙ୍କ ଇଚ୍ଛାଧୀନ ବ୍ୟାପାର ବୋଲି କହିଛନ୍ତି। ବାଙ୍ଗିରିପୋଷି ଥାନା ଅଧିକାରୀ ସଂଜୟ ପରିଡ଼ାଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା। ସେ ଉଭୟ ପବିତ୍ର ଓ ସୁନିତାଙ୍କ ବୟସ ଅଛି। ସେମାନେ ନିଜ ନିଷ୍ପତ୍ତି ନିଜେ ନେଇପାରିବେ। କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ କିମ୍ବା ଆଇନର କିଛି ଭୂମିକା ନାହିଁ ବୋଲି କହିଛନ୍ତି।

# ଜଗତା ଘାଇ ପୁନଃରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି

### ଖବର ସଂଗ୍ରହ ରେ ଯାଇଥିବା ସାମ୍ବାଦିକଙ୍କୁ ପେଟି କଣ୍ଟ୍ରାକ୍ଟର ତଥା କାଳିମେଘି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀଙ୍କ ଦବଙ୍ଗଗିରି



କୋଦଳା ୦୫/୭ (ନି.ପ୍ର) :ଦିନକୁ ଦିନ ସମ୍ବିଧାନ ର ଚତୁର୍ଥ ସ୍ତମ୍ଭବ କୁହାଯାଉଥିବା ସାମ୍ବାଦିକ ଙ୍କ ଉପରେ କଣ୍ଟ୍ରାକ୍ଟର, ସରପଞ୍ଚ ଓ ମାଫିଆଙ୍କ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି କ୍ଷ କେଉଁଠି ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି ତ କେଉଁଠି ସଠିକ ଖବର ପ୍ରସାରଣ କଲେ ସାମ୍ବାଦିକ ଙ୍କୁ ମିଳୁଛି ହତ୍ୟା ଧମକ। ସେହି ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ କାଳିମେଘି ପଞ୍ଚାୟତ ରେ। ପଞ୍ଚାୟତ ର ଜଗତାଘାଇ ରେ ଚାଲିଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହେବାପରେ ଖବର ସଂଗ୍ରହ ପାଇଁ ପହଂଚିଥିବା ସାମ୍ବାଦିକ ଙ୍କ ସହ ପଞ୍ଚାୟତ ର ସରପଞ୍ଚ ଙ୍କ ସ୍ୱାମୀ ତଥା ପେଟି କଣ୍ଟ୍ରାକ୍ଟର ବିଶ୍ୱାମିତ୍ର ତ୍ରିପାଠୀ ଦୂର୍ବ୍ୟବହାର କରିବା ସହିତ ଦେଖାଇଛନ୍ତି ଦବଙ୍ଗଗିରି। ଚାଷୀଙ୍କ ଜମିକୁ ଜଳସେଚନ ସାଙ୍ଗକୁ ଗୋଟିଏ ଗୋଟିଏ ଟୁରିଜମ ସ୍ପଟ କରିବା ଉଦେଶ୍ୟନେଇ କବିସୂର୍ଯ୍ୟନଗର ବିଧାୟିକା ଙ୍କ ପ୍ରଚେଷ୍ଟା ରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୨ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ଜଗତା ଘାଇର ଉନ୍ନତିକରଣ କାର୍ଯ୍ୟ ଗତ ଏପ୍ରିଲ ମାସଠାରୁ ଆରମ୍ଭ ହୋଇଥିବା ବେଳେ ଏହି ଉନ୍ନୟନ କାର୍ଯ୍ୟ ରେ ହୋଇଛି ବ୍ୟାପକ ଅନିୟମିତତା। କଣ୍ଟ୍ରାକ୍ଟର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରାଯାଇଥିବା ହୋଇଛି ଅଭିଯୋଗ। ଯନ୍ତ୍ରୀଙ୍କ ଦାମିକା ଗାଡ଼ିରେ ପେଟି ଠିକାଦାର ବୁଲି ମଜାମଜଲିସ ଚଲାଉଥିବା ବେଳେ କାର୍ଯ୍ୟ ର ତଦାରଖ କରିବାକୁ କାର୍ଯ୍ୟରେ ଉପସ୍ଥିତ ରହୁନାହାନ୍ତି ଯନ୍ତ୍ରୀ। କୋଦାଳରେ ରହିଥିବା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ରେ ପ୍ରାୟତଃ ଅନୁପସ୍ଥିତ ରହୁଛନ୍ତି। ଫଳରେ କଣ୍ଟ୍ରାକ୍ଟର ମନଇଚ୍ଛା ନିମ୍ନମାନର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହି କାର୍ଯ୍ୟ ର ଅଟକଳ ମୂଲ୍ୟ କିମ୍ବା କାର୍ଯ୍ୟ ଶେଷ ତାରିଖ କହିପାରୁନାହାନ୍ତି ଯନ୍ତ୍ରୀ। ଜନସାଧାରଣ ଙ୍କ ଅବଗତି ନିମନ୍ତେ ଏଠାରେ ଲାଗୁନି ସୂଚନା ଫଳକ। କାର୍ଯ୍ୟ ସମ୍ବନ୍ଧରେ ପଚାରିଲେ ଯନ୍ତ୍ରୀ ସାମ୍ବାଦିକ ମାନଙ୍କୁ ଗୁଣ୍ଡାର ଆକ୍ଷା ଦେବା ସହିତ ପେଟି କଣ୍ଟ୍ରାକ୍ଟର ଦ୍ୱାରା କରାଇଛନ୍ତି ଦୁର୍ବ୍ୟବହାର। ହେଲେ ଏଠି ପ୍ରଶ୍ନଉଠୁଛି ସତ୍ୟ ର ସନ୍ଧାନ କଲେ ଜଣେ ସାମ୍ବାଦିକ କେବେ ଗୁଣ୍ଡା ହୋଇଯାଏକି ? ସରକାରୀ ବାବୁ ଯାହା କରିବେ ତାହା ଠିକ ଦୁର୍ନୀତି ପଦାକୁ ଆଣିବା ଭୁଲ। ହିଟଲର ଶାସନ ଭଳି କାର୍ଯ୍ୟକରୁଥିବା ଓ ସରକାରୀ ଟଙ୍କା ଆତ୍ମସାତ କରି ଦାମୀ ଗାଡ଼ିରେ ବୁଲୁଥିବା ପ୍ରଶାସନିକ ଅଧିକାରୀ ଙ୍କ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଭିଜିଲାନ୍ସ ତଦନ୍ତ କରିବାକୁ ଦାବିହେଉଛି। ଏବଂ ସାମ୍ବାଦିକ ଙ୍କ ଉପରେ ଦୁର୍ବ୍ୟବହାର କରିଥିବା ପେଟି କଣ୍ଟ୍ରାକ୍ଟର ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ନଦୀରେ ମାଛ ଧରୁ ଧରୁ ସ୍ରୋତରେ ଭାସି ବୃଦ୍ଧ ମୃତ

ରାଇରଙ୍ଗପୁର ୦୫/୭ (ନି.ପ୍ର) : ମୟୂରଭଂଜ ଜିଲ୍ଲାର ବହଳଦା ଥାନା ଅନ୍ତର୍ଗତ ଗୁଣ୍ଡୁରିଆ ଗ୍ରାମ ନିକଟରେ ଗୁରିଆ ନଦୀରେ ବିଜୁ ସେତୁ ନିର୍ମାଣାଧୀନ ପୋଲ ପାଖରେ ନଦୀରେ ଗୁଣ୍ଡୁରିଆ ଗ୍ରାମର ବୃଦ୍ଧ ମାଛ ଧରୁ ଧରୁ ନଦୀ ସ୍ରୋତରେ ଭାଷିଯାଇ ମୃତ୍ୟୁ ବରଣକରିଛି । ସୂଚନାଯୋଗ୍ୟ ଗୁଣ୍ଡୁରିଆ ଗ୍ରାମର ଗାନେ ବାସ୍କ ?(୬୫) ଆଜି ସକାଳ ୭ ଟା ପାଖାପାଖି ସମୟରେ ନିର୍ମାଣଧୀନ ବିଜୁ ସେତୁ ନିକଟରେ ଗୁରିଆ ନଦୀରେ ମାଛ ଧରୁଥିଲେ । ବିଜୁ ସେତୁ ପୋଲତଳେ ନିର୍ମାଣ ସାମଗ୍ରୀ ଥିଲା । ବର୍ଷା ପାଣି ଯୋର ଆସୁଥିବାରୁ ଠିକାଦାର ସେହି ସାମଗ୍ରୀ ବାହାରକୁ ନେଇ ଯାଇ ପାଣି ଘାଇ ଖୋଲି ଦେଇଥିଲେ ।ଫଳରେ ପାଣିର ସ୍ରୋତ ବଢ଼ି ଯାଇଥିଲା ।ତଳ ମୁଣ୍ଡରେ ଗାନେ ବାସ୍କ ମାଛ ଧରୁଥିବାବେଳେ ପ୍ରବଳ ସ୍ରୋତରେ ଭାସି ଯାଇଥିଲେ । ଖବର ପାଇ ଗ୍ରାମବାସୀ ରାଇରଙ୍ଗପୁର ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଅଗ୍ନିଶମ ବିଭାଗ ଅଧିକାରୀ ଲିଡିଂ ଫାୟାର ମେନ୍ ସୁନ୍ଦର ସୋରେନଙ୍କ ନେତୃତ୍ୱରେ ଫାୟାର ମେନ୍ ସୁଶାନ୍ତ ନାୟକ, ବନମାଳି କିଷାନ, ରଶ୍ମି ରଂଜନ ନାୟକ, ଖେଲାରାମ ମାରାଣ୍ଡି ପ୍ରମୁଖ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦିର୍ଘ ୩ ଘଣ୍ଟା ଖୋଜାଖୋଜି କଲାପରେ ଘଟଣାଠାରୁ ୧ କିମି ଦୂରରେ ନଦୀରୁ ବୁଡିଥିବା ଅବସ୍ଥାରେ ଉଦ୍ଧାର କରିଥିଲେ । ସେତେବେଳକୁ ପ୍ରାଣବାୟୁ ଉଡି ଯାଇଥିଲା ।

## ସଡକ ଦୁର୍ଘଟଣାରେ ଜଣେ ଗୁରୁତର

ବାଣପୁର ୦୫/୭ (ନି.ପ୍ର) :ସୋମବାର ଦିନ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କାୟାତୋଟା ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଯେଉଁଥିରେ ଜଣେ ବାଇକ ଚାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ମୁତାବକ ଆଜି ଅପରାହ୍ନରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ବିଶ୍ୱମ୍ଭର ନାୟକ କ୍ଷିପ୍ର ଗତିରେ ନିଜ ଗ୍ରାମ ଗୁଆଳଡିହରୁ ବାଇକ ଯୋଗେ କଲେଜ ଯାଉଥିବା ବେଳେ କାୟାତୋଟା ନିକଟରେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ଗଞ୍ଜାମ ଜିଲ୍ଲା କୁମାରୀପାରି ଅଞ୍ଚଳର ମାଛ ବେପାରି ଶିବ ବେହେରାଙ୍କ ମୋପେଟକୁ ଧକ୍କା ଦେଇ ପୁନଶ୍ଚ ଏକ ଗଛରେ ପିଟି ହୋଇଯାଇଥିଲେ।

# ଦୁର୍ଦ୍ଦିନ ଅବସ୍ଥାରେ ବିଧବା ଗର୍ଭବତୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା ହାଲ୍ଲେଲୁୟା ମିନିଷ୍ଟ୍ରିରୀ

ନବରଙ୍ଗପୁର ୦୫/୭ (ନି.ପ୍ର) :ନବରଙ୍ଗପୁର ଜିଲ୍ଲା ସଦରମହକୁମା ଏଫ୍ ସି ଆଇ ପାଶ୍ୱରେ ଥିବା ହାଲ୍ଲେଲୁୟା ମିନିଷ୍ଟ୍ରି ୧୯୮୦ ମସିହାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ, ଦୁର୍ଦ୍ଦିନରେ ରହିଥିବା ଦୀନହୀନ ଅନାଥ ବିଧବା ବିକଳାଙ୍ଗ ବୃଦ୍ଧବୃଦ୍ଧା ଲୋକମାନଙ୍କ ସାହାଯ୍ୟ କରି ଆସୁଛି। ବର୍ଷା ଦିନରେ ହୋଟାତ୍ କୌଣସି ଲୋକଙ୍କ ଚାଲ ଟିଣ ଚପର ଘର ସଂପୂର୍ଣ୍ଣ ଭାଙ୍ଗି ଗଲେ,ଆଗେଇ ଆସୁଛି ଏହି ମିନିଷ୍ଟ୍ରୀରୀ।ଜିଲ୍ଲା ର ତେନ୍ତୁଳିଖୁଣ୍ଟି,ପାପଡ଼ାହାଣ୍ଡି, କୋଷାଗୁମୁଡ଼ା ,ନବରଙ୍ଗପୁର ,ନନ୍ଦାହାଣ୍ଡି ବ୍ଲକ ରେ ବିଗତ ଦିନ ମାନଙ୍କରେ ସାହାଯ୍ୟ ଯୋଗାଇ ଦେବାକୁ ଆଗେଇ ଆସିଥିଲା ଏହି ମିନିଷ୍ଟ୍ରିରୀ । ଗଜପତି ଜିଲ୍ଲା ସମେତ ଅନ୍ୟ ଜିଲ୍ଲା ବାହାରେ ବି ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରୁଛି । ଦିନକୁ ଦିନ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରି ଧୀରେ ଧୀରେ ଚର୍ଚ୍ଚା ସାଉଣ୍ଟିବାରେ ଲାଗିଛି।୨୦୨୨ ଜୁନ ଶେଷରେ କୋଷାଗୁମୁଡ଼ା ବ୍ଲକ କଣ୍ଡାପୁରୀ ଗ୍ରାମର କୁନୁ ହରିଜନଙ୍କ କିଛିମାସ ପୂର୍ବରୁ ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ତାଙ୍କ ଗର୍ଭବତୀ ସ୍ତ୍ରୀ ଏବଂ ରୁଗଣା ମାଁ ରହିଛନ୍ତି । ଏମାନଙ୍କୁ ସାହାଯ୍ୟ କିମ୍ବା ଆହା ପଦେ କହିବାକୁ କେହି ଆତ୍ମୀୟ ନାହାନ୍ତି ।ଗ୍ରାମବାସୀଙ୍କ ଠାରୁ ଫୋନରେ କୁନୁ ପରିବାର ର ହୃଦୟ ବିଦାରକ କଥାଶୁଣି ହାଲ୍ଲେଲୁୟା ମିନିଷ୍ଟ୍ରୀର ମୁଖ୍ୟ ନିର୍ଦ୍ଦେଶକ ଆପୋଷ୍ଟଲ ଡ ତୀମତୀ ଛିଞ୍ଚାଣି ତାଙ୍କ ସହଧର୍ମିଣୀ ସୁବର୍ଣ୍ଣ ଛିଞ୍ଚାଣି ସହ ତାଙ୍କ ଟିମ୍ କଣ୍ଡାପୁରୀ ଗସ୍ତ କରି ଘର ତଳୁ ଉପର ଦେଖିଲେ ଆକାଶର ପକ୍ଷୀ ଦେଖାଯାଉଛି । ବର୍ଷା ଆରମ୍ଭ ହେଲେ ଗର୍ଭବତୀ ମାଁ ଓ ଜୀର୍ଣ୍ଣଶିର୍ଣ୍ଣ ବିଧବା ବୃଦ୍ଧା ମା କିଭଳି ଦୁର୍ଦ୍ଦିନରେ ରହୁଛନ୍ତି। ଗ୍ରାମପଞ୍ଚାୟତ ବ୍ଲକ ପ୍ରଶାସନ ର ଅଧିକାରୀ ବାବୁମାନେ ଏହି ଗ୍ରାମ ଦେଇ ଯାଉଥିବା ବେଳେ କିଭଳି ଦେଖିପାରୁ ନାହାନ୍ତି।ସେ ଯେଉଭଳି ଦୃଶ୍ୟ ଦେଖିଲେ, ଦେଖି ତାଯୁବ୍ ହୋଇଯାଇଥିଲେ। ତୁରନ୍ତ ଦୈନିକ ଆବଶ୍ୟକ ଲୁଗା ଚାଉଳ, ଟିଣବକ୍ସ ,ଚଦର ,ସାବୁନ ,ବାସନ କୁସନସାବୁନ, ତେଲ ବ୍ୟତିତ ଭାଙ୍ଗି ଯାଇଥିବା ଘର ପାଇଁ ତାର୍ପଲ୍, ଯୋଗାଇ ଦେଇଥିଲେ। ଦୁଇ ମାସ ପାଇଁ ଯାହା ଯାହା ଆବଶ୍ୟକ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇ ଦେବେ। ୨ ମାସର ଶିଶୁ ର ଦାୟିତ୍ୱ ମିନିଷ୍ଟ୍ରୀର ନିର୍ଦ୍ଦେଶକ ନେବେ ବୋଲି କହିଛନ୍ତି। ନିତାନ୍ତ ଗରୀବ ଦୀନହୀନ କିଛି କୁନି କୁନି ପିଲାଙ୍କୁ ମଧ୍ୟ ନୂତନ ବସ୍ତ୍ର ପ୍ରଧାନ କରିଥିଲେ ।ଏଭଳି ସାହାଯ୍ୟ ସହ ଯୋଗ ପାଇବା ପରେ ମୃତ କୁନୁ ର ମାଁ ଗର୍ଭବତୀ ବିଧବା ପତ୍ନୀ ଓ ଗ୍ରାମବାସୀ ତରଫରୁ ନିର୍ଦ୍ଦେଶକ ଏବଂ ତାଙ୍କ ଟିମ୍ କୁ ସାଧୁବାଦ ଜଣାଇଛନ୍ତି। ଡ ଛିଞ୍ଚାଣି ତୁରନ୍ତ ଘର ସହିତ ସରକାରଙ୍କ ତରଫରୁ ସମସ୍ତ ସାହାଯ୍ୟ ସହ ଯୋଗ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।

## ସିନାପାଲି,ଗଙ୍ଗାଧର ସାରସ୍ୱତ ସମିତିର ସାହିତ୍ୟ ଆସର

ସିନାପାଲି ୦୫/୭ (ନି.ପ୍ର) :ନୂଆପଡା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ପ୍ରାବନ୍ଧିକ ରବିଂଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଆସରରେ ଅତିଥି ଭାବରେ ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ଲମ୍ବୋଦର ମେହେର, ବରିଷ୍ଠ କବି ମୂରଲୀଧର ସା, ବିଜୟ କୁମାର ଯୋଷୀ ଓ ସମିତିର ସଭାପତି ବୈଷ୍ଣବ ମେହେର ମଂଚାସୀନ ଥିଲେ । ଏ ଅବସରରେ ସାହିତ୍ୟର ବିକାଶକୁ ନେଇ ଆଲୋଚନା କରାଯିବା ସହ ଉପସ୍ଥିତ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବିତା ଆସରକୁ ଅଧ୍ୟାପକ ଧୃବଚରଣ ପଧାନ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ପରେଶନାଥ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସରରେ ମୋହନ ଚରଣ ଦାସ, ନିକୁଞ୍ଜବିହାରୀ ସା, ଲିପିପୁଷ୍ପା ନାୟକ, ବବିତା ମେହେର, ଶିବପ୍ରସାଦ ମେହେର, ଗୌତମ ମେହେର, କମଲଜୀତ ବୈକାର, ଚୂଡାମଣି ମେହେର, ଯଶୋବନ୍ତ ସା, ପ୍ରେମାନନ୍ଦ ମେହେର, ହରେକୃଷ୍ଣ ମେହେର, ବଂଶୀଧର ଜଗତ, ତରୁଣ କୁମାର ମେହେର, ପ୍ରମୁଖ ଆଲୋଚନାରେ ଭାଗ ନେବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା ଧନ୍ୟବାଦ ଦେଇଥିଲେ।

## ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣ



ଭଞ୍ଜନଗର ୦୫/୭ (ନି.ପ୍ର) :ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭଞ୍ଜନଗର ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଉପସ୍ଥିତ ରହି ସର୍ବ ପ୍ରଥମେ ଭିନ୍ନକ୍ଷମମାନଙ୍କ ଅଭିଯୋଗ ଏବଂ ପରେ ସାଧାରଣ ଅଭିଯୋଗଗୁଡିକର ଶୁଣାଣି କରିଥିଲେ ।ସମୁଦାୟ ୧୪ଟି ପତ୍ର ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଗ୍ରହଣ କରିଥିଲେ । ଦିବ୍ୟାଙ୍ଗମାନଙ୍କ ନିକଟରୁ ୫ଟି ଅଭିଯୋଗ ପତ୍ର ଆସିଥିଲା ବେଳେ ୯ଟି ସାଧାରଣ ଅଭିଯୋଗ(ବ୍ୟକ୍ତିଗତ ସମସ୍ୟା) ପତ୍ର ଗ୍ରହଣ କରାଯାଇଛି । ଏହି ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ସହାୟକ ଜିଲ୍ଲାପାଳ ସଞ୍ଜୟ କୁମାର ସାହୁ ଓ ଶ୍ରୀମତୀ ଅଞ୍ଜଳି ମାଝୀ, ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ଅସିତ ମହାନ୍ତି, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଶ୍ରୀ ଅନିଲ କୁମାର ଚୌଧୁରୀ, ଭଞ୍ଜନଗର ପୋଲିସ ଥାନାର ଥାନାଧିକାରୀ ଶ୍ରୀ ଧୀରେସ କୁମାର ଦାସ, ଭଞ୍ଜନଗର ଅତିରିକ୍ତ ତହସିଲଦାର ଶ୍ରୀ ନିହାର ରଞ୍ଜନ ବେହେରା, ଭଞ୍ଜନଗର ଜନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଶ୍ରୀ ବିନୟ କୁମାର ସାହୁ, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଗୌରୀ ଶଙ୍କର ଶତପଥୀ, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ଶ୍ରୀ ଅନିଲ କୁମାର ପଣ୍ଡା ସମେତ ସମସ୍ତ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ ।

# ବିଦ୍ୟୁତ ବିଭାଗ କାମଖିଆଲି ଯୋଗୁଁ ଗ୍ରାମାଞ୍ଚଳରେ ବିଦ୍ୟୁତ ବିଭ୍ରାଟ , ପାନୀୟ ଜଳର ଅଭାବ



କୋଷାଗୁମୁଡ଼ା ୦୫/୭ (ନି.ପ୍ର) : ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର ଗ୍ରାମାଞ୍ଚଳରେ ଦୀର୍ଘ ୧ ମାସ ହେବ ବିଦ୍ୟୁତ ସପ୍ଲାଇ ଠିକ୍ ଭାବେ ହୋଇ ପାରୁନାହିଁ । ବିଦ୍ୟୁତ ବିଭାଗର ଲୁଚକାଳୀ ଖେଳ ଯୋଗୁଁ ଗ୍ରାମାଞ୍ଚଳରେ ଥିବା ଗ୍ରାମ ଗୁଡିକରେ ଜନସାଧାରଣ ପ୍ରତ୍ୟକ ଦିନ ରାତ୍ରିରେ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ଅନ୍ଧାର ରେ ରହୁଛନ୍ତି । ନୂତନ ଭାବେ କୋଷାଗୁମୁଡା ବ୍ଲକରେ ଯୋଗ ଦେଇଥିବା କନିଷ୍ଠଯନ୍ତ୍ରୀ ମହାଶୟଙ୍କ କାମଖିଆଲି ମନଭାବ ଯୋଗୁଁ ବିଭାଗୀୟ କର୍ମଚାରୀ ମାନେ ଠିକ୍ ରୂପେ କାର୍ଯ୍ୟ କରୁନଥିବା ଯୋଗୁଁ ବିଦ୍ୟୁତ ସପ୍ଲାଇ ରେ ବ୍ୟାଘତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ପ୍ରକାଶଥାଉକି, ବି.ଏମ୍ ସେମଳା, କୋଡିଙ୍ଗା, ପଣ୍ଡଗୁଡା ଆଦି ପଞ୍ଚାୟତର କେରାଣ୍ଡିମାଳ,ଦୁରାଗାଁ, ବାକ୍ଟିଗୁଡା, କୋଣ୍ଡାପୁରୀ, ବାଦପୁର, ଫାର୍ଶାଗୁଡା, ଝାଡସେମଳା ଆଦି ଗ୍ରାମ ଗୁଡିକରେ ଆଜକୁ ୪ ଦିନ ହେଲା ବିଦ୍ୟୁତ ସପ୍ଲାଇ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଯାହାଫଳରେ ଏହି ଗ୍ରାମଗୁଡିକରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦହୋଇ ଯାଇଛି । ବର୍ତ୍ତମାନ ଜଣସାଧାରଣ କୂପ , ନାଳ ,ନରଦ୍ଦମାର ଦୂଷିତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ବାଧ ହେଉଛନ୍ତି । ଅଞ୍ଚଳରେ ଜନସାଧାରଣ ଏହି ଦୂଷିତ ପାଣି ବ୍ୟବହାର କରୁଥିବାରୁ ଅଞ୍ଚଳରେ ଝାଡାବାନ୍ତି ଭଳି ରୋଗ ବ୍ୟାପିବା ସମ୍ଭାବନା ରହିଛି । ତେଣୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବସୀଙ୍କ ତାରପରୁ ଦାବୀ ହେଉଛି। ଏନେଇ କୋଷାଗୁମୁଡା ବିଦ୍ୟୁତ ବିଭାଗ ର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିବା ପରେ ମଧ୍ୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରିନଥିଲା ।

## ଜିଲ୍ଲା ସଦର ମୋହକୁମାରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ, ୬୦ ଗୋଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ରାୟଗଡ଼୦୫/୭ (ନି.ପ୍ର) : ଆଜି ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦରମୋହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତି ସ୍ୱଧା ଦେବସିଂ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା,ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା,ପିଡି, ଡିଆର୍ଡିଏ ରବିନାରାୟଣ ତ୍ରିପାଠୀ,ଉପଜିଲ୍ଲାପାଳ ରାୟଗଡ ଭୀମସେନ ଶବର, ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଲାଲମୋହନ ରାଉତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ,ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ପ୍ରଦୀପ କୁମାର ପଟ୍ଟନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଜିଲ୍ଲା ଯୋଗାଣ ଅଧିକାରୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ତହସିଲଦାର ସୁନୀଲ ତାପସ କୁମାର ରାଉତ, ପୌର ନିର୍ବାହୀ ଅଧିକାରୀ ୟାସସିର ଅହମଦ, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଧ୍ରୁବଚରଣ ନାୟକ, ନିର୍ବାହୀଯନ୍ତ୍ରୀ ବିଦ୍ୟୁତ ନାରାୟଣ ନାୟକ,ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଆଜି ମୋଟ ୬୦ଟି ଅଭିଯୋଗ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା ସେଥି ମଧ୍ୟରୁ୫୬ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୪ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ପାଇଁ ଥିଲା । ଜିଲ୍ଲାପାଳ ଶ୍ରୀମତି ଦେବସିଂ ଉକ୍ତ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଆଠ ଦଫା ଦାବି ନେଇ ବ୍ଲକ ଡିଲର ସଂଘର ବିକ୍ଷୋଭ

## ଖାଦ୍ୟ ଓ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ନିଶ୍ଚିନ୍ତକୋଇଲି ୦୫/୭ (ନି.ପ୍ର) :ସର୍ବଭାରତୀୟ ଡିଲରର୍ସ ଫେଡେରେସନ୍ ନିଷ୍ପତିକ୍ରମେ ଓଡିଶା ରିଟେଲର ମହାସଂଘ ତରଫରୁ ଓଡିଶାରୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତା.୪.୭.୨୦୨୨ ରିଖ ଦିବା ୧୦ ଘଟିକା ସମୟରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହ ବିକ୍ଷୋଭ କରାଯାଇଛି । କରୋନା କବଳିତ ସର୍ବଭାରତୀୟ ସ୍ତରରେ ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁ ବରଣ କଲେ । ଘରର ଚାରି କାନ୍ଥ ଭିତରେ ରହି ପରିବାର ମଧ୍ୟରେ ସମଦୂରତା ରକ୍ଷା କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ସଚେତନ କରିଥିଲେ । ସମଗ୍ର ବିଶ୍ୱରେ ମହାମାରୀ କରୋନା ପାଇଁ ବିମାନ ଚଳାଚଳ, ରେଳସେବା, ବସ୍‌ସେବା, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ଦୀର୍ଘ ୨୦ ବର୍ଷ ଧରି ବନ୍ଦ୍ ରହିଥିଲା । କରୋନା ସମୟରେ ଗରୀବ ହିତାଧିକାରୀମାନଙ୍କୁ ଖାଦ୍ୟ ସାମଗ୍ରୀ ନିଜ ବିକ୍ରୟ କେନ୍ଦ୍ରରେ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଅସହାୟ ବୃଦ୍ଧ ବୃଦ୍ଧାଙ୍କ ଘରେ ପହଂଚି ନିଜ ଜୀବନକୁ ବାଜି ଲଗାଇ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇଥିଲେ । ହେଲେ କରୋନା କାଳିନ ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଖାଉଟି ସାମଗ୍ରୀ ବଣ୍ଟନର ପାରିଶ୍ରମିକ ଅର୍ଥ ଏଯାବତ୍ ଡିଲରମାନଙ୍କୁ ମିଳିନାହିଁ । ଗରୀବ କଲ୍ୟାଣ ଅନ୍ନ ଯୋଜନାରେ ବଣ୍ଟନ ବାବଦୀୟ ପାରିଶ୍ରମିକ ଅର୍ଥ ପ୍ରଦାନ, ତତ୍‌ସହିତ ଇପୋସ୍ ମେସିନର ବ୍ୟବହାରିକ ଅର୍ଥ, ମଧ୍ୟାହ୍ନ ଭୋଜନ ବଣ୍ଟନର ବକେୟା ଅର୍ଥ ପ୍ରଦାନ, ଅଖାର ବକେୟା ମୂଲ୍ୟ ପ୍ରଦାନ, କୋଭିଡ୍ ସମୟରେ ମୃତ୍ୟୁବରଣ କରିଥିବା ରିଟେଲରଙ୍କ ପରିବାର ସଦସ୍ୟଙ୍କୁ ଜଣକୁ ରିଟେଲର ଭାବେ ନିଯୁକ୍ତି ପ୍ରଦାନ, ଏକାଳିନ ଖାଉଟି ସାମଗ୍ରୀ ଯୋଗାଣ, ଗୋଟିଏ ଦେଶର ଗୋଟିଏ ରେସନ ଏବଂ ସେଥିପାଇଁ ଖାଦ୍ୟ ଯୋଗାଣ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଗୋଟିଏ ନିୟମ ପରିମାଣ କରିବା, ଚାଉଳ ଓ ଗହମ ଏକ କୁଇଣ୍ଟାଲ ପ୍ରତି ଓଜନ ହ୍ରାସ ବାବଦକୁ ଏକ କିଲୋ ଏବଂ ୧୦୦ ଲିଟର କିରୋସିନି ପ୍ରତି ୧ ଲିଟର କମିଯାଉଥିବା ତେଲର ଭରଣା କରିବା, ସନନ୍ଦ ନବୀକରଣ କାର୍ଯ୍ୟକାଳ ବୃଦ୍ଧି ଦାବିରେ ୪ ସ୍ତରୀୟ ସର୍ବଭାରତୀୟ ଡିଲର ଫେଡେରେସନ୍ ତରଫରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରୀଆରେ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ଓଡିଶା ସରକାର ଶ୍ରୀଯୁକ୍ତ ଅତନୁ ସବ୍ୟସଚୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ରିଟେଲର ସଂଘ ସଭାପତି ଅମୀୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ଜଗନ୍ନାଥ ସ୍ୱାଇଁ, ସଂପାଦକ ଗଗନବିହାରୀ ସ୍ୱାଇଁ, ସହସଂପାଦକ ପ୍ରଫୁଲ୍ଲ ପ୍ରଧାନ, କୋଷାଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସମେତ ବ୍ଲକ ଅଂଚଳର ୮୦ ଜଣ ଡିଲର ସାମିଲ ହୋଇଥିଲେ ।

## କେଣ୍ଟାଳରେ ଦାତବ୍ୟ ଚକ୍ଷୁ ଚିକିତ୍ସା



ନିଶ୍ଚିନ୍ତକୋଇଲି ୦୫/୭ (ନି.ପ୍ର) : ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡାର ଭୂମିକା ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଚିକିତ୍ସା ଶିବିରରେ ମୋଟ ୩୫ ଜଣ ବୃଦ୍ଧ ବୃଦ୍ଧା ଯୋଗଦେଇ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ । ସେଥି ମଧ୍ୟରୁ ୧୩ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚିକିତ୍ସାଳୟକୁ ପଠାଯାଇଛି । ଏହି ଶିବିରକୁ ରଘୁନାଥ ଜୀଉ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟୀ ପ୍ରକାଶ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ତୃପ୍ତିମୟୀ ନାୟକ, ସମିତିସଭ୍ୟ ଇମ୍ରାନ୍ ଖାଁ, ନାଏବ ସରପଞ୍ଚ ଇତିଶ୍ରୀ ନାୟକ, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ,ୱାର୍ଡସଭ୍ୟ ରଣଜିତ୍ କୁମାର ମଲ୍ଲିକ, କାଞ୍ଚନଲତା ସାମଲ, ପୂର୍ବତନ ସରପଞ୍ଚ ଅନ୍ନଦା ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଡାକ୍ତର ଅମୀୟ କୁମାର ପାତ୍ର, ଟେକ୍ନିସିଆନ୍ ବିଷ୍ଣୁପ୍ରିୟା ମିଶ୍ର, ମାମାଶ୍ରୀ ରାଉତ, ଶିବିର ପରିଚାଳକ ସନ୍ତୋଷ କୁମାର ସାହୁ, ବ୍ଲକ ସଂଯୋଜକ ନିରଞ୍ଜନ ବସ୍ତିଆ ପ୍ରମୁଖ ଚିକିତ୍ସା ସେବାରେ ସହଯୋଗ କରିଥିଲେ ।

# ଦିଲ୍ଲୀରେ ଶ୍ରୀ ଗୁଣ୍ଡିଚା ଯାତ୍ରା ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭକ୍ତ ବିଭୋର

### ଆଡପ ମଣ୍ଡପରେ ଦୈନିକ ସନ୍ଧ୍ୟାରେ ଶତାଧିକ ଭକ୍ତ ଶ୍ରୀ ଜୀଉମାନଙ୍କୁ ଦର୍ଶନ କରୁଛନ୍ତି

ନୂଆଦିଲ୍ଲୀ ୦୫/୭ (ନି.ପ୍ର) : ଦିଲ୍ଲୀ ଶ୍ରୀ ନୀଳାଚଳ ସେବାସଙ୍ଘ ଦ୍ୱାରା ସ୍ଥାନୀୟ ହାଉଜ୍‌ଖାସ ଠାରେ ଥିବା ପୁରାତନ ଶ୍ରୀ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ପରିପ୍ରେକ୍ଷୀରେ ଗତ ଶନିବାର ଠାରୁ ଆଡପମଣ୍ଡପ ଠାରେ ଆୟୋଜିତ ହୋଇଛି ନୃତ୍ୟ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ । ପ୍ରଥମ ଦିବସରେ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ, ଓଡ଼ିଶୀ ଏବଂ ଶେଷରେ ରାଜ୍ୟର ସୁନ୍ଦରଗଡ଼ ରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପଶ୍ଚିମାଞ୍ଚଳର ଲୋକନୃତ୍ୟ ପରିବେଷଣ ହୋଇଥିବା ବେଳେ ଗତକାଲି ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସୁମଧୁର ଭଜନ । ପରେ ପରେ ମଞ୍ଚ ଉପରକୁ ଉଠି ଆସିଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ତଥା ନୃତ୍ୟ ଶିଳ୍ପୀ ବାଣୀ ମାଧବ ଓ କୁଚୁପୁଡି ନୃତ୍ୟ ଶିଳ୍ପୀ ମିନୁ ଠାକୁର । ଉଭୟ ଯୁଗଳବନ୍ଦୀ ନୃତ୍ୟରେ ଜଗନ୍ନାଥ ଙ୍କ ଉପରେ ଆଧାରିତ ଶ୍ରୀ ଜଗନ୍ନାଥ ଅଷ୍ଟକମ ଓ କୃଷ୍ଣ ଙ୍କ ଉପରେ ଆଧାରିତ ମଧୁରାଷ୍ଟକମ ପରିବେଷଣ କରିଥିଲେ । ଯାହା ବେ୍ଶ ଉଚ୍ଚକୋଟୀର ଥିଲା ଓ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲା । ସେହିଭଳି ତୃତୀୟ ପର୍ଯ୍ୟାୟ ରେ କଥକନୃତ୍ୟ ଗୁରୁ ଅର୍ପିତା ଘୋଷ ଙ୍କ ଛାତ୍ରୀ ଅମୃତା, ଜୁହୀ, ଜାହ୍ନବୀ ଶ୍ରୀ ବିଷ୍ଣୁ ଙ୍କ ବନ୍ଦନା କୁ ଅତି ନିଖୁଣ ଭାବେ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ । ଯାହା ଦର୍ଶକଙ୍କ ମନମୋହିଥିଲା । ପରେ ପରେ ରାଜ୍ୟରୁ ଆସିଥିବା ସୁନାମଧନ୍ୟ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଙ୍କ କଣ୍ଠରୁ ଭାଷି ଆସିଥିଲା ଗୋଟିଏ ପରେ ଗୋଟିଏ ସୁମଧୁର ଭଜନ । ଆଲୋକ କୁମାର ଓ ଅର୍ପିତା ଙ୍କ ଅନେକ ଜଣାଣ ଓ ଭକ୍ତି ସଂଗୀତ ରେ ଭକ୍ତିଭାବ ମୟ ପରିବେଶ ସୃଷ୍ଟି କରିଥଲା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଆଡପମଣ୍ଡପ ପରିସର । ସଂଗୀତର ତାଳେ ତାଳେ ଦର୍ଶକ ବିଭୋର ହୋଇ ନୃତ୍ୟ କରୁଥିବା ମଧ୍ୟ ଦେଖା ଦେଇଥିଲା । ଆୟୋଜିତ କାର୍ଯ୍ୟକ୍ରମ ରେ ମନ୍ଦିର ର କାମାଚ଼ଲା ସଭାପତି ବିଘ୍ନେସ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, କୋଷାଧକ୍ଷ ପଙ୍କଜ ମହାନ୍ତି, କାର୍ଯ୍ୟକାରୀ କମିଟିର ସଦସ୍ୟ ରଙ୍କନିଧି ସାହୁ, ଦିଲ୍ଲୀପ ସ୍ୱାଇଁ, ଅଶୋକ ପ୍ରଧାନ, କିଶୋର ସାମଲ, ଆଇନଜୀବୀ ଜିତେନ୍ଦ୍ର ମହାପାତ୍ର, ବିଜୟ ସାହୁ, ସୁକାନ୍ତ ସାହୁ,ଅମୁଲ୍ୟ ଓଝା, କ୍ଷୀରୋଦ ପାତ୍ର, ଅଭିରାମ ସୁତାର ଙ୍କ ସହ ମନ୍ଦିର ପରିଚ଼ାଳକ ରଶ୍ମୀ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଶନିବାର ଓ ରବିବାର ଛୁଟି ଦିନ ଥିବାରୁ ଆନୁମାନିକ ପାଞ୍ଚସହ ରୁ ଉର୍ଦ୍ଧ ପ୍ରବାସୀ ଓଡ଼ିଆ ଏଥିରେ ଯୋଗ ଦେଇଥିବା ଦେଖା ଦେଇଥିଲା ।

# ମାହାଙ୍ଗାରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ଡ଼ିଲର ସଂଘର ପ୍ରତିବାଦ ଲୋକ ଦେଖାଣିଆ



ମାହାଙ୍ଗା ୦୫/୭ (ନି.ପ୍ର) : ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଡିଲର ସଂଘ ତରଫରୁ ପ୍ରତିବାଦ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମାହାଙ୍ଗା ବ୍ଲକ୍‌ରେ ଯୋଗାଣ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ସାଧାରଣ ଖାଉଟି ସରକାରୀ କଂଟ୍ରୋଲ ସାମଗ୍ରୀ ଠିକ୍ ଭାବରେ ପାଉନଥିବା ବିଭିନ୍ନ ପଂଚାୟତରେ ଅଭିଯୋଗ ହେଉଛି । ଏପରିକି କେତେକ ଡିଲରଙ୍କ ବିରୁଦ୍ଧରେ କଟକ ସଦର ଉପଜିଲ୍ଲାପାଳଙ୍କ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳୁନାହିଁ । ରାସନ କାର୍ଡରୁ ଆପେ ଆପେ ନାମ କଟିଯିବା ଏପରିକି ରାସନ କାର୍ଡ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ବ୍ଲକ୍ ଯୋଗାଣ ବିଭାଗ କାର୍ଯ୍ୟାଳୟ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଅପର ପକ୍ଷରେ କେନ୍ଦ୍ର ସରକାରଙ୍କ ଯୋଜନାରେ ଅଯୋଗ୍ୟ ରାସନ କାର୍ଡ ଧାରୀ କାର୍ଡ ଫେରାଇବା ସହ ଜୋରିମାନା ଅର୍ଥ ବ୍ଲକ୍ କାର୍ଯ୍ୟାଳୟରେ ପଇଠ କରିଥିଲେ ମଧ ପରବର୍ତ୍ତି ସମୟରେ ଅନେକ ଅଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କ ଯୋଜନାରେ ଯୋଗ୍ୟ ହେଲେ କିପରି । ଅପର ପକ୍ଷରେ ବ୍ଲକ୍ କାର୍ଯ୍ୟାଳୟ ଶାସକ ଦଳର କର୍ମୀଙ୍କ କଥାରେ ପରିଚଳିତ ହୋଇଥିବାରୁ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଂଚିତ ହୋଇଛନ୍ତି । ଅପରପକ୍ଷେ କେତେକ ପଂଚାୟତର ଡିଲରମାନେ କଂଟ୍ରୋଲ ସାମଗ୍ରୀକୁ ଚୋରାରେ ବିକ୍ରି କରୁଥିଲା ବେଳେ ଏପରିକି ମାସ ମାସ ଧରି ସାଧାରଣ ଖାଉଟିଙ୍କୁ କଂଟ୍ରୋଲ ସାମଗ୍ରୀ ନଦେଇ ହଇରାଣ କରୁଥିଲା ବେଳେ ଆଜି ସଂଘ ପକ୍ଷରୁ ପ୍ରତିବାଦ ସଭା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ଏପରିକି ବହୁ ଅଯୋଗ୍ୟ ହିତାଧିକାରୀ ଧନୀ ଶ୍ରେଣୀର ଲୋକଙ୍କ ନାମରେ ରାସନ କାର୍ଡ ଥିଲେ ମଧ ସେମାନଙ୍କ ନାମ କାହିଁକି କଟାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏଥିପାଇଁ ଯୋଗାଣ ବିଭାଗ ଅଧିକାରୀ ଦାୟୀ ବୋଲି ଅଭିଯୋଗ ହେଉଛି । ଅପରପକ୍ଷରେ ବହୁ ଯୋଗ୍ୟ ହିତାଧିକାରୀ ରାସନକାର୍ଡ ନପାଇ ବର୍ଷ ବର୍ଷ ଧରି ବ୍ଲକ୍ କାର୍ଯ୍ୟାଳୟକୁ ଧାଉଁଥିଲେ ମଧ ସେମାନଙ୍କ କଥା ଯୋଗାଣ ବିଭାଗ ଅଧିକାରୀ ଶୁଣୁନଥିବା ଅଭିଯୋଗ ହେଉଛି । ଯୋଗାଣ ବିଭାଗର ମନ୍ତ୍ରୀ ତୁରନ୍ତ ମାହାଙ୍ଗା ଅଂଚଳରେ ଦେଖାଦେଇଥିବା କଂଟ୍ରୋଲ ସାମଗ୍ରୀ ବଂଟନ ଅବ୍ୟବସ୍ଥା ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫ ଦାବୀ ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ



ମାହାଙ୍ଗା ୦୫/୭ (ନି.ପ୍ର) :ବଡ଼ ଖବରର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଇଓଡବ୍ଲ୍ୟୁର ବେଆଇନ ଗିରଫ ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମାହାଙ୍ଗା ତହସିଲଦାରଙ୍କୁ ଏକ ଦାବିପତ୍ର ସାମ୍ବାଦିକ ସଂଘ, ଆଇନଜିବୀ, ନାଗରିକ ସମାଜ, ବୁଦ୍ଧିଜିବୀ ଓ ଜନସାଧାରଣଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଦାବି ପତ୍ରରେ ଦର୍ଶାଯାଇଛି କି ଅର୍ଦ୍ଦେନ୍ଦୁ ଦାସଙ୍କୁ ନିସର୍ତରେ କାରାମୁକ୍ତ ଓ ଇଓଡବ୍ଲ୍ୟୁଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ଗଗନ ଦୀପ ସିଂହ ଚାୱଲାଙ୍କ ବିରୁଦ୍ଧରେ ଠକାମୀ ପାଇଁ ଦୃଢ ପଦକ୍ଷେପ ଗ୍ରହଣ କରାଯାଉ । ଉକ୍ତ ଦାବୀ ପତ୍ର ପ୍ରଦାନରେ ମାହାଙ୍ଗା ସାରସ୍ୱତ ମଂଚର ସଭାପତି ଭାବଗ୍ରାହୀ ରାଉତ, ସାମ୍ବାଦିକ ପ୍ରଶାନ୍ତ କୁମାର ମିଶ୍ର, ବିଜୟ ଜେନା, ଧନେଶ୍ୱର ସେଠୀ, ଉତ୍କଳ ସାମ୍ବାଦିକ ସଂଘର କଟକ ଜିଲ୍ଲାର ଉପସଭାପତି ରବି ନାରାୟଣ ଦାସ, ସୁରେଶ ବଳ, ତୁଷାରଜ୍ୟୋତି ନାୟକ, ସତ୍ୟ ପ୍ରକାଶ ନାୟକ, ବରାହିପୁର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ କିଶୋର କୁମାର ରାଉତ, କୋଳିଅଠା ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଚୈତନ୍ୟ ପ୍ରସାଦ ସିଂହ, ଗୋକନ ଗ୍ରାମ ପଂଚାୟତର ସମିତି ସଭ୍ୟ ଆବାସ ନାୟକଙ୍କ ସମେତ ବହୁ ସାମ୍ବାଦିକମାନେ ଉପସ୍ଥିତ ରହିଥିଲେ ।

# ପୌର ପ୍ରଶାସନିକା ନାମରେ ଅଶ୍ଳିଳ ପ୍ରଚ଼ାର ପତ୍ର ବାଂଟିଥିବା ର୍ୟାକେଟ୍

## ପର୍ଦ୍ଦାଫାଶ ; ଜଣେ କର୍ମଚ଼ାରୀ ଗିରଫ

ତାଳଚେର ୦୫/୭ (ନି.ପ୍ର) : ନବୀନ ସରକାର ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ଖୋଦ୍ ତାଳଚେର ପୌରପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ଜୈନିକା ବରିଷ୍ଠ ମହିଳା ଅଧିକାରିଣୀଙ୍କ ନାମରେ କୌଣସି ଉଦ୍ଦେଶ୍ୟମୂଳକ ଭାବେ ପ୍ରତିଶୋଧ ପରାୟଣ ହୋଇ ବର୍ବରତାର ସୀମା ଉଲଘଂନ କରି କାନ ନଶୁଣିଲା ଭଳି ଅଶ୍ଳିଳଭାଷାରେ ହୃଦୟକୁ ଜର୍ଜରିତ କଲାଭଳି ଏକ ର୍ୟାକେଟ୍ ଅନୁଗୋଳ ଜିଲ୍ଲାର ଦୁଇ ପଦାଧିକାରୀ ପ୍ରଶାସନ ଅଧିକାରୀଙ୍କ ନାମକୁ ଯୋଡି ଅଶ୍ଳିଳ ଭାଷାରେ ବ୍ୟାପକ ବେନାମୀ ପ୍ରଚ଼ାର ପତ୍ର ତାଳଚେର ସହରରେ କେଉଁଠି ବଂଟା ଯାଉଥିବା ବେଳେ ଆଉ କେଉଁଠି ଛକ ସ୍ଥାନମାନଙ୍କରେ ବିକ୍ଷିପ୍ତ ହୋଇ ପଡିଥିବା ନେଇ ଚ଼ର୍ଚ୍ଚାର ମୁଖ୍ୟ ବିଷୟ ହୋଇଥିଲା । ଏହି ଖବର ପାଇବାପରେ ସେହି ଭଦ୍ର ପ୍ରଶାସନିକା ମହିଳା ଜଣଙ୍କ କୌଣସି ବିଚ଼ଳିତ ଓ ଧର୍ଯ୍ୟହରା ନହୋଇ ସାହସର ସହ ଏକାକି ଏହାର ସାମ୍ନା କରିବାକୁ ନେଇ ତାଳଚେର ସଦରଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ । ଯାହା ସୂଚ଼ନା ମିଳେ ତଦନ୍ତକାରୀ ପୋଲିସ୍ କୌଣସି ଚ଼ାପ ଓ ପ୍ରଲୋଭନା ବସବର୍ତୀ ନହୋଇ ନିରପକ୍ଷେ ଭାବେ ପଦକ୍ଷେପ ନେଇ ତଦନ୍ତ ଚ଼ଳାଇ ପ୍ରଥମେ ଦୁଇଜଣ ପୌର କର୍ମଚ଼ାରୀଙ୍କୁ ପ୍ରସଙ୍ଗ ସଂକ୍ରାନ୍ତରେ ପଚ଼ରା ଉଚ଼ରା କରି ଛାଡି ଦେଇଥିଲା । ଏହାପରେ କୌଣସି ସୁରାକ୍ ପାଇ ସମ୍ପୃକ୍ତ ର୍ୟାକେଟର ପର୍ଦ୍ଦାଫାଶ କରିପାରିନଥିଲେ ମଧ୍ୟ ସେହି ଅଶ୍ଳିଳ ପ୍ରଚ଼ାରପତ୍ର ବାଂଟୁଥିବା ଅଭିଯୋଗରେ ତାଳଚେର ପୌରକର୍ମଚ଼ାରୀ କ୍ଷୀରୋଦ ରାଉତଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିବା ବେଳେ ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଅନ୍ୟ କାରପଟାଦାର ମାନଙ୍କୁ ପ୍ରମାଣ ଆଧାରରେ ତୁରନ୍ତ ଗିରଫ କରିବାକୁ ନେଇ ଯୋରଯାର ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ଏବଂ ସେହି ଦକ୍ଷତା ସମ୍ପର୍ଣ୍ଣ ଭଦ୍ର ମହିଳା ଅଧିକାରିଣୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନେଇ ଉଦ୍ୟମ ଜାରି ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଏହି ଘଟଣାଟି କର୍ମଜୀବୀ ମହିଳାମାନଙ୍କ ନିମନ୍ତେ ଅତି ଉଦବେଗ ଜନକ ପ୍ରସଙ୍ଗ ହୋଇଥିବାରୁ ପୋଲିସ୍ ତଦନ୍ତ କେଉଁଆଡେ ଯାଉଛି ତାହା ଦେଖିବାକୁ କେବଳ ବାକି ରହିଛି ।

## ଜନ୍ମ ମାଟି ୪୨ମୌଜାରେ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶିବପ୍ରସାଦ ମହାନ୍ତିଙ୍କ ସ୍ମୃତି ଚ଼ାରଣ

କଟକ ସଦର ୦୫/୭ (ନି.ପ୍ର) : କଟକ ସଦର ୪୨ ମୌଜା ବେଣ୍ଟକାର ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶିବପ୍ରସାଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଇଷ୍ଟ.ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚ଼ାରଣ ସଭାରେ କଟକ ସଦର ବ୍ଲକ ପୂର୍ବତନ ଅଧକ୍ଷ ସତ୍ୟ ଜେନା,ପୂର୍ବତନ ଉପାଧକ୍ଷ ବିଭୂତି ଭୂଷଣ ପରିଡ଼ା,ବ୍ଲକ୍ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ,ବେଣ୍ଟକାର ଗ୍ରାମ ପଞ୍ଚାୟତ ସରପଞ୍ଚ ଶିବ ଶଙ୍କର ମଲ୍ଲିକ,ସମିତି ସଭ୍ୟ ବିନୋଦ ବେହେରା,ପୂର୍ବତନ ସରପଞ୍ଚ ବିଦ୍ୟାଧର ପାତ୍ର,ଶରତ ରାୟ,ମଧୁସୂଦନ ପତି,ରାମଚ଼ନ୍ଦ୍ର ଗୋଛାୟତ,ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ନାରାୟଣ ଚ଼ନ୍ଦ୍ର ମହାନ୍ତି, ୪୨ମୌଜା ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି,ପଟଣା ଗ୍ରାମ୍ୟ କମିଟି ସମ୍ପାଦକ ରୁଦ୍ର ନାରାୟଣ ଦାସ,ସାମ୍ବାଦିକ ଆଲୋକ ନାୟକ,ଦୀପ୍ତି ରଞ୍ଜନ ଶତପଥି,ବିଶ୍ୱଜିତ୍ ପାଣି,୪୨ମୌଜା ଯାଦବ ମହାସଭା ସଭାପତି ବୁଲେଇ ବେହେରା,ହୃଦାନନ୍ଦ ବିଶ୍ୱାଳ,ଉପେନ୍ଦ୍ର ବାରିକ,ନଟବର ବେହେରା,ଭାସ୍କର ଦାସ,ପ୍ରଦ୍ୟୁମ୍ନ ମହାନ୍ତି,ସଦାଶିବ ବିଶ୍ୱାଳ,ରାମଚ଼ନ୍ଦ୍ର ସେନାପତି,ଅସିତ୍ ଦାସ,ଶରତ ସାହୁ,ତପନ ଦାସ,ଗାନ୍ଧୀଗୁରୁ ଦାସ,ଘନଶ୍ୟାମ ମଲ୍ଲିକ ଓ ରୁଷିକାନ୍ତ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ସମବାୟ ସମିତି ନିର୍ବାଚ଼ନ

## ବ୍ରଜମୋହନ ନାହାକ ନିର୍ଦ୍ୱନ୍ଦରେ ନିର୍ବାଚ଼ିତ



ରଙ୍ଗେଇଲୁଣ୍ଡା ୦୫/୭ (ନି.ପ୍ର) :ରଙ୍ଗେଇଲୁଣ୍ଡା ବ୍ଲକ୍ କୋଳଥି ଗାଁ ଗ୍ରାମପଞ୍ଚାୟତ ଅଧିନସ୍ଥ ଦାଶପୂର ସେବା ସମବାୟ ସମିତି ର ସଭାପତି ନିର୍ବାଚ଼ନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବରୁ ମୋଟ ୧୧ ଜଣ ସଦସ୍ୟ ନୀଳାମ୍ବର ମହାନ୍ତି, କୈଳାଶ ପାତ୍ର, ମୀରା ପାତ୍ର, ଲିଙ୍ଗରାଜ ପାତ୍ର, ଚ଼କରା ସେଠୀ, ମଙ୍ଗୁଲୁ ବେହେରା, ସୁପ୍ରଭା ପରିଡ଼ା, ମଞ୍ଜୁ ପାତ୍ର, ହରିହର ପାତ୍ର, ସନ୍ତୋଷ କୁମାର ରଣା ପ୍ରମୁଖ ନିର୍ଦ୍ଦେଶକ ରୁପେ ନିର୍ବାଚ଼ିତ ହୋଇଥିବା ବେଳେ ଆଜି ସଭାପତି ରୂପେ ବିଜେପି ସମର୍ଥିତ ପ୍ରାର୍ଥୀ ତଥା ତୁଳୁ ମଣ୍ଡଳ ସଭାପତି ଶ୍ରୀଯୁକ୍ତ ବ୍ରଜମୋହନ ନାହକ ନିଜର ସମର୍ଥକ ଙ୍କ ଗହଣରେ ନିଜର ପାର୍ଥୀ ପତ୍ର ଦାଖଲ କରିଥିଲେ । ପାର୍ଥିପତ୍ର ଦାଖଲ ର ସମୟ ସୀମା ମଧ୍ୟରେ ଅନ୍ୟ କେହି ମଧ ପାର୍ଥୀ ପତ୍ର ଦାଖଲ ନକରିବାରୁ ନିର୍ବାଚ଼ନ ଅଧିକାରି ତଥା ଚ଼ିକରଡ଼ା ଗ୍ରାମ ପଞ୍ଚାୟତ ଅଧିକାରୀ ସୁଦର୍ଶନ ବିଷୋୟୀ ଓ ଦାଶପୁରୁ ସେବା ସମବାୟ ସମିତି ର ସମ୍ପାଦକ ରବୀନ୍ଦ୍ର ସେଠୀ ଶ୍ରୀଯୁକ୍ତ ବ୍ରଜମୋହନ ନାହକ ଙ୍କୁ ନିର୍ଦ୍ଦ୍ୱନ୍ଦ ଘୋଷଣା କରିଥିଲେ ।

## ଅବକାରୀବିଭାଗର ବ୍ୟାପକ ଚ଼ଢ଼ାଉ, ବିପୁଳ ପରିମାଣରେ ପୋଙ୍କ ନଷ୍ଟ, ଦେଶୀ ମଦ ଜବତ, ବହୁ ଅଭିଯୁକ୍ତ ଗିରଫ

ରାୟଗଡ ୦୫/୭ (ନି.ପ୍ର) :ଅବକାରୀ କମିଶନର ଆଶିଷ ସିଂହ ଓ ରାୟଗଡ ଜିଲ୍ଲାପାଳ ସ୍ୱଧା ଦେବ ସିଂହଙ୍କ ନର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ରାୟଗଡ଼ ଅଭିରାମ ବେହେରାଙ୍କ ପ୍ରତ୍ୟେକ ତତ୍ୱାବଧାନରେ ରାୟଗଡ, ଗୁଣୁପୁର,ଗୁଡାରି,ବିଷମ କଟକ, କଲ୍ୟାଣସିଂପୁର ,ଗୁଡାରି ଅବକାରୀ ଟିମରତା.୨୮/୦୬/୨୨ରୁ ୩/୦୭/୨୨ରିଖ ପାଂଚ଼ଦିନଧରି ବିଭିନ୍ନ ସ୍ଥାନରେ ବ୍ୟାପକ ଚ଼ଢ଼ାଉ କରି ୪୩ଟି ଅବକାରୀ କେସ ରଜୁକରିଥିଲେ ଓ ୨୧ଜଣଙ୍କୁ ଗିରଫ କରିଛନ୍ତି କ୍ଷ ଗତ ପାଂଚ଼ଦିନ ଧରି ଜିଲ୍ଲାର ବିଭିନ୍ନ ଦୁର୍ଘମ ଗଳିକନ୍ଦି ଅଞ୍ଚଳରେ ଲୁକାୟତ ଭାବେ ଚୋରା ମଦ ପ୍ରସ୍ତୁତ କରୁଥିବା ଆଡ୍ଡା ଉପରେ ଅତର୍କିତ ଚ଼ଢ଼ାଉ କରି ୧୭୨୭୦ଲିଟର ପୋଚ଼୍ଚ଼, ଦେଶୀମଦ ୧୫୬୫ଲିଟର ଜବତ କରି ବହୁ ମଦରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିବା ଜିଲ୍ଲା ଅବକାରୀ ଅଧକ୍ଷ ଶ୍ରୀ ବେହେରା ସୂଚ଼ନା ଦେଇଥିଇଛନ୍ତି କ୍ଷ ଚୋରା ମଦ କାରବାର ରୋକିବା ନିମନ୍ତେ ଜିଲା ଅବକାରୀ ବିଭାଗର ବିଭିନ୍ନ ଥାନା ଯଥା ରାୟଗ, ବିଷମକଟକ, ଗୁଡାରି, ଗୁଣପୁର, କଲ୍ୟାଣ ସିଂପୁର ସଦଳବଳ ଜରଦାର ଚ଼ଢ଼ାଉ ପ୍ରଚେଷ୍ଟା ଜାରି ରହିଛି କ୍ଷ ପ୍ରକାଶ ଥାଉକି ଲାଞ୍ଚୁଆ ଅବକାରୀ ଅଧିକ୍ଷକ ନିନା ବେଉରା ଲାଞ୍ଚନେଇ ଅପରାଧୀଙ୍କୁ ଘଷ୍ଟ ଘୋଡାଇ ଗତ ମାସ ଭିଜିଲାନ୍ସ ହାତରେ ଧାରା ପଡିଲା ପରେ ନୂତନ ଭାବେ ଦାଇତ୍ୱ ନେଇଥିବା ଅଧିକ୍ଷକ ଅଭିରାମ ବେହେରାଙ୍କ ନେତୃତ୍ୱରେ ଅସାଧୁ ବେପାରୀଙ୍କ ନିଦ ହଜିଯାଇଛି । ଏହି ଏକ ଭଲ ପଦକ୍ଷେପ ବୋଲି ସାଧାରଣରେ ଚ଼ର୍ଚ୍ଚ଼ା ହେଉଛି ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା